୨୬ତମ ପ୍ରତିଷ୍ଠା ଦିବସ ସମାରୋହ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK ପର୍ଯ୍ୟବେକ୍ଷକ
Voö.26 . No.279 Bhubaneswar Sunday December 22 2024 | ୨୬ତମ ବର୍ଷ ସଂଖ୍ୟା-୨୭୯ ଭୁବନେଶ୍ୱର, ରବିବାର, ଡିସେମ୍ବର ୨୨, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ନିୟମରେ ହେଲା ବଡ ପରିବର୍ତ୍ତନ: ଭିଡିଓ ରେକର୍ଡିଂ ଦେଖାଇବେନି ନିର୍ବାଚନ କମିଶନ

ଭୁବନେଶ୍ୱର,୨୧।୧୨(ପି.ଏନ): ନିର୍ବାଚନ ପରିଚାଳନା ନିୟମରେ ଗୋଟିଏ ବଡ ପରିବର୍ତ୍ତନ କରିଛନ୍ତି କେନ୍ଦ୍ର ସରକାର। ସିସିଟିଭି ଫୁଟେଜ୍ ଓ ଭିଡିଓ ରେକର୍ଡିଂ ଭଳି କେତେକ ଇଲେକ୍ଟ୍ରୋନିକ୍ ଡକ୍ୟୁମେଣ୍ଟର ସର୍ବସାଧାରଣ ତନଖି ଉପରେ ଲାଗିଛି ରୋକ। ପୂର୍ବରୁ ନିର୍ବାଚନ ପ୍ରକ୍ରିୟାକୁ ନେଇ ଆପତ୍ତି ଆସିଲେ ଭିଡିଓ ରେକର୍ଡିଂର ଯାଞ୍ଚ କରାଯିବାର ପ୍ରାବଧାନ ରହିଥିଲା।କିନ୍ତୁ ସେଥିରେ ସରକାର ନିର୍ବାଚନ କମିଶନଙ୍କ ସୁପାରିସ ଆଧାରରେ ସଂଶୋଧନ କରି ଦେଇଛନ୍ତି। ସରକାରଙ୍କ ଏପରି ପଦକ୍ଷେପକୁ କଂଗ୍ରେସ ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଛି। କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ଯେ ନିର୍ବାଚନ ପ୍ରକ୍ରିୟାର ବିଶ୍ୱସନୀୟତା ହ୍ରାସ ପାଉଥିବା ନେଇ ଦଳ ଯେଉଁ ଆଶଙ୍କା କରୁଥିଲା, ତାହା ଏବେ ସତ ପ୍ରମାଣିତ



ହୋଇଛି।ଶୁକ୍ରବାର କେନ୍ଦ୍ର ଆଇନ ମନ୍ତ୍ରଣାଳୟ, ନିର୍ବାଚନ କମିଶନଙ୍କ ସୁପାରିସ ଆଧାରରେ ନିର୍ବାଚନ ପରିଚାଳନା ନିୟମ ୧୯୬୧ର ଧାରା ୯୩ରେ ସଂଶୋଧନ କରିଛନ୍ତି। ନିର୍ବାଚନ ପ୍ରକ୍ରିୟା ସହ ଜଡିତ କେଉଁ ସବୁ ଦସ୍ତାବିଜର ତନଖି ସର୍ବସାଧାଣରେ କରାଯାଇ ପାରିବ ନାହିଁ, ତା'ର ତାଲିକା ପ୍ରସ୍ତୁତ ହୋଇଛି।

## ପୁଣି ଆସିବେ ଶାହ, ୨୮ରେ ସମ୍ବଲପୁର

ଭୁବନେଶ୍ୱର,୨୧।୧୨(ପି.ଏନ): ବିଜେପି ରାଷ୍ଟ୍ରୀୟ ନେତୃତ୍ୱଙ୍କ ଫୋକସରେ ଏବେ ଓଡିଶା । ମାସକ ମଧ୍ୟରେ ପୁଣି ଦ୍ୱିତୀୟଥର ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ବିଜେପିର ଚାଣକ୍ୟ ଅମିତ୍ ଶାହ ଓଡିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ଶ୍ରୀ ଶାହ ଚଳିତମାସ ୨୮ତାରିଖରେ ଦୁଇଦିନିଆ ଗସ୍ତରେ ଆସି ସମ୍ବଲପୁରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ବରିଷ୍ଠ ବିଜେପି ବିଧାୟକ ଜୟନାରାୟଣ ମିଶ୍ର ସୂଚନା ଦେଇଛନ୍ତି । ସାମ୍ବାଦିକମାନଙ୍କୁ ସୂଚନା ଦେଇ ସମ୍ବଲପୁର ବିଧାୟକ ଶ୍ରୀ ମିଶ୍ର କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ ୨୮ତାରିଖରେ ଦୁଇଦିନିଆ ଓଡିଶା ଗସ୍ତରେ ଆସି ସମ୍ବଲପୁରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଶ୍ରୀ ଶାହ ୨୮ତାରିଖରେ ସମ୍ବଲପୁରରେ ପହଂଚିବା ପରେ ସିଧାସଳଖ



ସମଲେଶ୍ୱରୀ ମନ୍ଦିର ଯାଇ ସେଠାରେ ପୂଜାର୍ଚ୍ଚନା କରିବେ । ତା'ପରେ ଗଙ୍ଗାଧର ମେହେର କଲେଜରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ବୁର୍ଲା। ଭୀମସାର ଯିବେ । ସେଠାରେ ଭୀମସାର ସୁପର ସ୍ୱ?ଶାଲିଷ୍ଟ ବିଲଡିଂକୁ ଉଦଘାଟନ କରିବେ । ଅନ୍ୟ କିଛି ସରକାରୀ କାର୍ଯ୍ୟକ୍ରମରେ ମଧ୍ୟ ତାଙ୍କର ଯୋଗଦେବେ ବୋଲି ଶ୍ରୀ ମିଶ୍ର କହିଛନ୍ତି । ଏହି ଗସ୍ତ ସମୟରେ ଶ୍ରୀ ଶାହା ରାଜ୍ୟରେ ଦଳର ବିଧାୟକ,ସାଂସଦ ଓ ବରିଷ୍ଠ କର୍ମକର୍ତ୍ତାଙ୍କ ବୈଠକ ମଧ୍ୟ ଭେଟିବେ ବୋଲି ଜଣାପଡିଛି।

## ଭୁବନେଶ୍ୱରରେ କାଲି ହେବନି ପଥୋତ୍ସବ: ସ୍ଥଗିତାଦେଶ ଜାରି କଲା BMC

ଭୁବନେଶ୍ୱର,୨୧।୧୨(ପି.ଏନ): ଆସନ୍ତାକାଲି ହେବାକୁ ଥିବା ପଥୋତ୍ସବକୁ ନେଇ ବଡ ସୂଚନା ଦେଇଛି ବିଏମସି । ଚଳିତବର୍ଷର ପ୍ରଥମ ପଥୋତ୍ସବକୁ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି । ରାଜ୍ୟରେ ଲାଗି ରହିଥିବା ବର୍ଷା ଏବଂ ଖରାପ ପାଗ ଯୋଗୁଁ ପଥୋତ୍ସବକୁ ସ୍ଥଗିତ ରଖିଛି ବିଏମସି । ଏ ନେଇ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ବିଏମସି ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତାକାଲି ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନରେ ହେବାକୁ ଥିଲା ଏହି ପଥୋତ୍ସବ । କିନ୍ତୁ ବର୍ଷା ଯୋଗୁଁ ଏହାକୁ ସ୍ଥଗିତ ରଖିବାକୁ ବିଏମସି ନିଷ୍ପତ୍ତି ନେଇଛି । ପ୍ରବାସୀ ଭାରତୀୟ ସମ୍ମିଳନୀ ପୂର୍ବରୁ ୩ଟି ଜୋନରେ ପଥୋତ୍ସବ ହେବା ନେଇ ଯୋଜନା ରହିଥିଲା । କିନ୍ତୁ ବର୍ତ୍ତମାନ ଏହାକୁ ସ୍ଥଗିତ ରଖାଯାଇଛି । ତେବେ ମାଷ୍ଟରକ୍ୟାଣ୍ଟିନରେ ପଥୋତ୍ସବ ପୁଣି କେଉଁ ତାରିଖରେ ହେବ, ତାହା ଖୁବ ଶୀଘ୍ର ଜଣାଇ ଦିଆଯିବ ବୋଲି ବିଏମସି ସୂଚନା ଦେଇଛି ।

## ପୋଲ ତଳକୁ ଖସିଲା ଯାତ୍ରୀବାହୀ ବସ



ଭୁବନେଶ୍ୱର,୨୧।୧୨(ପି.ଏନ): ପୋଲ ତଳକୁ ଖସିଗଲା ବସ୍। ଅଳ୍ପକେ ବର୍ତ୍ତିଗଲେ ବସ୍‌ରେ ବସିଥିବା ଯାତ୍ରୀ। ଯାତ୍ରୀଙ୍କ ମଧ୍ୟରୁ କେବଳ ୫ ଜଣ ହୋଇଛନ୍ତି ଆହତ। ଘଟଣାଟି ଘଟିଛି କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ବଡପଡା ଗ୍ରାମ ନିକଟରେ।

## କୁଏତରେ 'ହାଲା ମୋଦି': ପିଏମ୍ କହିଲେ 'ମିନି ହିନ୍ଦୁସ୍ତାନ' ଭଳି ଲାଗୁଛି

ଭୁବନେଶ୍ୱର,୨୧।୧୨(ପି.ଏନ): କୁଏତରେ 'ହାଲା ମୋଦି' କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କୁଏତରେ 'ହାଲା' ଅର୍ଥ ହେଉଛି ସ୍ୱାଗତ। ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ପ୍ରବାସୀ ଭାରତୀୟଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶେଖ୍ ସାଦ୍ ଅଲ୍ ଅବଦୁଲ୍ଲା ଇନଡୋର ସ୍ୱ?ର୍ଟସ କମ୍ପ୍ଲେକ୍ସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକତ୍ରିତ ଭାରତୀୟ ସମୁଦାୟଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଆପଣମାନେ ଭାରତର ବିଭିନ୍ନ ରାଜ୍ୟରୁ ଆସିଛନ୍ତି। ହେଲେ ଏଠାରେ ଆପଣମାନଙ୍କୁ ଏକାଠି ଦେଖି ଏକ 'ମିନି ହିନ୍ଦୁସ୍ତାନ' ମୋ ଆଗରେ ଥିଲାଭଳି ମୋତେ ଅନୁଭବ ହେଉଛି।ଏହି କାର୍ଯ୍ୟକ୍ରମରେ ଭାରତ ଓ କୁଏତ ମଧ୍ୟରେ ଥିବା ଗଭୀର ସମ୍ପର୍କର



ଇତିହାସକୁ ବର୍ଣ୍ଣନା କରି ମୋଦି କହିଛନ୍ତି ଯେ ଉନବିଂଶ ଶତାବ୍ଦୀରେ ମଧ୍ୟ ଦୁଇ ଦେଶ ମଧ୍ୟରେ ବ୍ୟବସାୟିକ ସମ୍ପର୍କ ରହିଥିଲା। ପ୍ରଧାନମନ୍ତ୍ରୀ କହିଛନ୍ତି, 'ଗୁଜରାଟରେ ଆମର ବୟସ୍କ ବ୍ୟକ୍ତିମାନେ ଏବେ ବି କୁହନ୍ତି, କିପରି କୁଏତ ଲୋକମାନେ ଗୁଜରାଟୀ ଭାଷା ଶିଖୁଥିଲେ, ଏଥିରେ ବହି ଲେଖୁଥିଲେ ଏବଂ ସେମାନଙ୍କର ବିଶ୍ୱ ପ୍ରସିଦ୍ଧ ମୁକ୍ତା ଆମ ବଜାରରେ ବିକ୍ରି କରୁଥିଲେ। ଆମେ ସେମାନଙ୍କଠାରୁ ଆମଦାନୀ କରି ଘୋଡା ଓ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ନେଇଛୁ।' ଭାରତ ଓ କୁଏତ ମଧ୍ୟରେ ସମ୍ପର୍କ ବହୁ ପୁରାତନ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

## ସାବଧାନତା ସହ ବ୍ୟବହାର କରନ୍ତୁ କ୍ରେଡିଟ୍ କାର୍ଡ, ଯଦି ଡିଫଲ୍ଟ ହୁଏ ୫୦% ଦେବାକୁ ପଡିବ ସୁଧ: ସୁପ୍ରିମକୋର୍ଟଙ୍କ ଅନୁମୋଦନ

ନୂଆଦିଲ୍ଲୀ,୨୧।୧୨(ପି.ଏନ): କ୍ରେଡିଟ୍ କାର୍ଡ ଏପରି ଏକ ସିଂହ, ଯାହାକୁ ନିୟନ୍ତ୍ରଣରେ ରଖିଲେ ଭଲ । ଯଦି ଏହା ନିୟନ୍ତ୍ରଣ ବାହାରକୁ ଯାଏ ତେବେ ବଡ ସମସ୍ୟା ହୋଇଯାଏ । ଯଦି କ୍ରେଡିଟ୍ କାର୍ଡ ବିଲ୍ ଠିକ୍ ସମୟରେ ପ୍ରଦାନ କରାନଯାଏ ତେବେ ବ୍ୟାଙ୍କଗୁଡିକ ବହୁତ ଅଧିକ ସୁଧ ଆଦାୟ କରନ୍ତି । ଏହି ମାମଲା ଜାତୀୟ ଉପଭୋକ୍ତା କୋର୍ଟ (ଏନସିଡିଆରସି) ରେ ପହଞ୍ଚିଛି ଯେଉଁଠାରେ ସୁଧ ହାର ୩୦ ପ୍ରତିଶତରେ ସୀମିତ ଥିଲା । କିନ୍ତୁ ବର୍ତ୍ତମାନ ଜାତୀୟ ଉପଭୋକ୍ତା



ଫୋରମର ଏହି ନିଷ୍ପତ୍ତି ଉପରେ ସୁପ୍ରିମକୋର୍ଟ ରୋକ୍ ଲଗାଇଛନ୍ତି ।ଏନସିଡିଆରସି ଏହାର ଗୋଟିଏ ନିଷ୍ପତ୍ତିରେ କହିଛି ଯେ କ୍ରେଡିଟ କାର୍ଡରେ ଗ୍ରାହକଙ୍କ ଠାରୁ ବାର୍ଷିକ ୩୬ ରୁ ୫୦ ପ୍ରତିଶତ ସୁଧ ଆଦାୟ କରିବା ବହୁତ ଅଧିକ । ଏନସିଡିଆରସି ଏହାକୁ ଏକ ଭୁଲ ବ୍ୟବସାୟ ଅଭ୍ୟାସ ବୋଲି କହିଥିଲା । କିନ୍ତୁ ସୁପ୍ରିମକୋର୍ଟ ଏନସିଡିଆରସିର ଏହି ନିଷ୍ପତ୍ତି ଉପରେ ରୋକ୍ ଲଗାଇଛନ୍ତି । ଏହା ବ୍ୟାଙ୍କଗୁଡିକୁ ଆରାମ ଦେଇଛି । ବ୍ୟାଙ୍କଗୁଡିକ ବର୍ତ୍ତମାନ ୩୦ ପ୍ରତିଶତରୁ ଅଧିକ କିମ୍ବା କ୍ରେଡିଟ କାର୍ଡ ଉପରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ସୁଧ ଆଦାୟ କରିବାକୁ ସକ୍ଷମ ହେବେ । ଏନସିଡିଆରସି କ'ଣ କହିଲା ?ଗ୍ରାହକ କୋର୍ଟ ସର୍ବାଧିକ ୩୦% କ୍ରେଡିଟ କାର୍ଡ ଉପରେ ସୁଧ ହାର ଧାର୍ଯ୍ୟ କରିଥିଲେ । ବ୍ୟାଙ୍କ ଏବଂ ଗ୍ରାହକମାନଙ୍କ ମଧ୍ୟରେ ବୁଝାମଣା ଅସମାନ ଅବସ୍ଥାରେ ଅଛି ବୋଲି ଗ୍ରାହକ କମିଶନ କହିଥିଲେ ।

## ଜାନୁୟାରୀରେ ମିଳିବ ସୁଭଦ୍ରା ଯୋଜନାର ଚତୁର୍ଥ ପର୍ଯ୍ୟାୟ ଟଙ୍କା ! ଯୋଗ୍ୟ ହିତାଧିକାରୀଙ୍କୁ ଦିଆଯିବ ନୂଆବର୍ଷ ଭେଟି

ଭୁବନେଶ୍ୱର,୨୧।୧୨(ପି.ଏନ): ସୁଭଦ୍ରା ଯୋଜନାର ଚତୁର୍ଥ ପର୍ଯ୍ୟାୟ ଟଙ୍କାକୁ ନେଇ ଚର୍ଚ୍ଚା ଜୋର ଧରିଛି । ୩ଟି ପର୍ଯ୍ୟାୟରେ ଯୋଗ୍ୟ ମହିଳାଙ୍କ ଆକାଉଣ୍ଟରେ ପ୍ରଥମ କିସ୍ତିର ଟଙ୍କା ପହଞ୍ଚିବା ପରେ ଚତୁର୍ଥ ପର୍ଯ୍ୟାକୁ ଅପେକ୍ଷା କରି ରହିଛନ୍ତି ଅନେକ ହିତାଧିକାରୀ । କିନ୍ତୁ ଚତୁର୍ଥ ପର୍ଯ୍ୟାୟ ଟଙ୍କା ଡିସେମ୍ବର ୨୫ ଦେବାକୁ ଥିବା ବେଳେ ଏହାକୁ ସ୍ଥଗିତ ରଖାଯାଇଛି । ତେବେ ଏ ନେଇ ବର୍ତ୍ତମାନ ଚତୁର୍ଥ ପର୍ଯ୍ୟାୟକୁ ନେଇ କୁହାଯାଉଛି ଯେ, ଏହି ଟଙ୍କା ଆସନ୍ତା ୨୦୨୫ ଜାନୁୟାରୀରେ ସରକାର ପଠାଇ ପାରନ୍ତି । ଏହି ପର୍ଯ୍ୟାୟରେ ପ୍ରାୟ ୨୦ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଏହି ଟଙ୍କା ପ୍ରଦାନ କରାଯିବ । ଯାଞ୍ଚ ପ୍ରକ୍ରିୟା ଜାରି ରହିଥିବାରୁ ଏହି ପର୍ଯ୍ୟାୟ ଟଙ୍କା ବିଳମ୍ବରେ ଦିଆଯିବ ବୋଲି ସୂଚନା




ଦେଇଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ଏହି ଯାଞ୍ଚ ଆସନ୍ତା ୩୦ ସୁଦ୍ଧା ଶେଷ ହୋଇଯିବ, ଏହାପରେ ହିତାଧିକାରୀଙ୍କୁ ନୂଆବର୍ଷରେ ନୂଆ ଉପହାର ଦେଇପାରନ୍ତି ।ସୁଭଦ୍ରା ଟଙ୍କା ପାଇବାରୁ ବଞ୍ଚିତ ରହିଥିବା ଯୋଗ୍ୟ ହିତାଧିକାରୀ ସୁଭଦ୍ରା ପୋର୍ଟାଲରେ ଯାଇ ନିଜର ଅଭିଯୋଗ ଦାୟର କରିପାରିବେ । ଏହାବ୍ୟତୀତ ଏହି ଯୋଜନା ପାଇଁ ବ୍ଲକରେ ତିଆରି ହୋଇଥିବା କମିଟି ନିକଟରେ ମଧ୍ୟ ଆପଣ ନିଜର ଅଭିଯୋଗ ଲେଖିପାରିବେ । ଏହାପରେ ଆରଆଇ ମାନେ ଗାଁକୁ ଯାଇ ତଦାରଖ କରିବା ପରେ ଦେଇଥିବା ରିପୋର୍ଟ ଅନୁସାରେ, ଚତୁର୍ଥ ପର୍ଯ୍ୟାୟରେ ଏହି ହିତାଧିକାରୀମାନଙ୍କୁ ସାମିଲ କରାଯିବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ଏଥିସହିତ ରିଜେକ୍ଟ ଲିଷ୍ଟ ଯାଞ୍ଚ ସମୟରେ ଆଧାର ଭେରିଫିକେସନ କରାଇନେବାକୁ ସେ ହିତାଧିକାରୀ ମାନଙ୍କୁ ଅନୁରୋଧ କରିଛନ୍ତି ।

## ରାଜ୍ୟବାସୀଙ୍କ ଉପରେ ପଡ଼ିବ ଆଉ ଏକ ଚଡ଼କ; ୨୦୨୫ରୁ ବଢ଼ିବ ବିଜୁଳି ଦର !

ଭୁବନେଶ୍ୱର,୨୧।୧୨(ପି.ଏନ): ଆସନ୍ତା ଏପ୍ରିଲ ମାସରୁ ବଢିପାରେ ବିଜୁଳି ଦର । ଆସନ୍ତା ଆର୍ଥିକବର୍ଷରୁ ବିଜୁଳି ଦର ବଢାଇବାକୁ ଗ୍ରୀଡକୋ ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗ, ଓଇଆରସି ପାଖରେ ସୁପାରିଶ କରିଛି । ଏହାକୁ ଓଇଆରସି ଓ ରାଜ୍ୟ ସରକାର ଗ୍ରହଣ କଲେ ବିଜୁଳି ୟୁନିଟ ପିଛା ୫୪ ପଇସା ବଢିପାରେ । ଗ୍ରୀଡକୋର ବିଜୁଳି ଦର ସୁପାରିଶକୁ ବେଆଇନ, ଅଯୌକ୍ତିକ ଓ ଜନ ବିରୋଧୀ କହି ଏହାକୁ ଦୃଢ଼ ବିରୋଧ କରାଯିବ ବୋଲି କହିଛି ବିଦ୍ୟୁତ ଉପଭୋକ୍ତା ମହାସଂଘ । ଏହାକୁ ନେଇ ବିଜେଡି କହିଛି, ଦରବୃଦ୍ଧିରେ ସାଧାରଣ ଲୋକେ ଛଟପଟ ହେଉଥିବା ବେଳେ ବିଜୁଳି ଦର ବୃଦ୍ଧି ଖାଉଟିଙ୍କ ଉପରେ ବେଡି ଉପରେ କୋରଡା ସଦୃଶ ହେବ । ଆସନ୍ତାବର୍ଷରୁ ବିଜୁଳି ଦର ବୃଦ୍ଧି ନେଇ ଓଇଆରସି ପାଖରେ ଚାଲିଛି ଶୁଣାଣି ।ଏପ୍ରିଲ ୨୦୨୫ରୁ ବଢିପାରେ ବିଜୁଳି ଦର । ୟୁନିଟ ପିଛା ୫୪ ପଇସା ବଢାଇବାକୁ ସୁପାରିଶ କରିଛି ଗ୍ରୀଡକୋ । ବିଜୁଳି ଦର ବଢିଲେ ବ୍ୟାପକ ଆନ୍ଦୋଳନ କରିବାକୁ ଉପଭୋକ୍ତା ମହାସଂଘ ଚେତାବନୀ ଦେଇଛି । ଏମିତି ତ ଦରବୃଦ୍ଧିରେ ସାଧାରଣ ଲୋକେ ହନ୍ତସନ୍ତ ହେଉଛନ୍ତି। ବିଜୁଳି ଦର ବଢିଲେ ତାହା ବେଡି ଉପରେ କୋରଡା



ମାଡ ହେବ ବୋଲି ବିଜେଡି ମତ ଦେଇଛି । ବିଜୁଳି ଦର ବୃଦ୍ଧି ନେଇ ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗ, ଓଇଆରସି ପାଖରେ ଆରମ୍ଭ ହୋଇଛି ଶୁଣାଣି । ଆସନ୍ତା ଆର୍ଥିକ ବର୍ଷରୁ ବିଜୁଳି ଦର ଧାର୍ଯ୍ୟ ପୂର୍ବରୁ ବିଭିନ୍ନ କମ୍ପାନୀ ଓଇଆରସିଙ୍କ ପାଖରେ ପକ୍ଷ ରଖୁଛନ୍ତି । ଗ୍ରୀଡକୋର ଯୁକ୍ତି ଅନୁସାରେ ବିଜୁଳି କିଣାବିକା ଓ ଆନୁଷଙ୍ଗିକ ଖର୍ଚ୍ଚକୁ ଦେଖିଲେ ବିଜୁଳି ଦର ସ୍ଲାବ ବଢାଇବାକୁ ପଡିବ । ୨୦୨୫-୨୬ରେ ରାଜ୍ୟରେ ମୋଟ ୩୮ ହଜାର ୮୧୪ ୟୁନିଟ ବିଜୁଳି ବିକ୍ରି କରିବାକୁ ଯୋଜନା ଥିବା ବେଳେ ଏଥିପାଇଁ ୧୫ ହଜାର ୩୪୭ କୋଟି ଟଙ୍କା ଆବଶ୍ୟକ । ଗ୍ରୀଡକୋର ଏଭଳି ଯୁକ୍ତିକୁ ଦୃଢ ବିରୋଧ କରିଛି ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘ ।ଦୁଇ ବର୍ଷ ହେଲା ରାଜ୍ୟରେ ବିଜୁଳି ଦର ବଢି ନାହିଁ । ହେଲେ ଏଥର ନୂଆ ସରକାରର ପ୍ରଥମ ବର୍ଷରେ ବିଜୁଳି ଦର ବଢିବା ନେଇ ଅନୁମାନ କରାଯାଉଛି । ଓଏଚ୍‌ପିସି, ଓପିଜିସି ଭଳି ବିଦ୍ୟୁତ ଉତ୍ପାଦନ କମ୍ପାନୀରୁ ବିଜୁଳି କିଣିବା ପରେ ଗ୍ରୀଡକୋ ବିଦ୍ୟୁତ ପରିବହନ କମ୍ପାନୀ ଓପିଟିସିଏଲ୍ ଓ ଏସଏଲଡିସି ଜରିଆରେ ଟାଟା ଭଳି ବିଦ୍ୟୁତ ବିତରଣ କମ୍ପାନୀ ପାଖରେ ପହଞ୍ଚାଇଥାଏ । ଗ୍ରୀଡକୋର ସୁପାରିଶ ପରେ ଉତ୍ପାଦନ, ପରିବହନ ଓ ବିତରଣ କରୁଥିବା କମ୍ପାନୀ ମଧ୍ୟ ସେମାନଙ୍କ ପକ୍ଷ ଓଇଆରସି ପାଖରେ ରଖିବେ । ଗ୍ରୀଡକୋର ଯୁକ୍ତିକୁ ସରକାର ଓ ଓଇଆରସି ଗ୍ରହଣ କଲେ ବିଜୁଳି ଦର ୟୁନିଟ ପିଛା ୫୦ ପଇସାରୁ ଅଧିକ ବଢିବା ନିଶ୍ଚିତ ବୋଲି କୁହାଯାଉଛି ।ବର୍ତ୍ତମାନ ରାଜ୍ୟରେ ଘରୋଇ ଉପଭୋକ୍ତାଙ୍କ ପାଇଁ ବିଜୁଳି ଦର ୧ ରୁ ୫୦ ୟୁନିଟ ପାଇଁ ୨ ଟଙ୍କା ୯୦ ପଇସା, ୫୧ ରୁ ୨୦୦ ୟୁନିଟ ପାଇଁ ୪ ଟଙ୍କା ୭୦ ପଇସା, ୨୦୦ରୁ ୪୦୦ ୟୁନିଟ ପାଇଁ ୫ ଟଙ୍କା ୭୦ ପଇସା ଓ ୪୦୦ରୁ ଅଧିକ ୟୁନିଟ ପାଇଁ ୬ ଟଙ୍କା ୧୦ ପଇସା ରହିଛି ।

## ଅଦିନିଆ ବର୍ଷାରେ ଭାଙ୍ଗି ଗଲାଣି ଅନ୍ନଦାତାଙ୍କ ଅଣ୍ଟା, ପ୍ରାକୃତିକ ବିପର୍ଯ୍ୟୟ ବେଳେ ରାଜ୍ୟ ସରକାର ନୀରବଦ୍ରଷ୍ଟା

ଭୁବନେଶ୍ୱର,୨୧।୧୨(ପି.ଏନ): ଅଦିନିଆ ବର୍ଷା ଦୋହଲି ଦେଇଛି ଚାଷୀ ମନ । ଏମିତି ସ୍ଥିତିରେ ଚାଷକୁ ସୁରକ୍ଷା ଦେବାକୁ ସରକାର ପ୍ରସ୍ତୁତ ଥିଲେ ବୋଲି ପ୍ରଶ୍ନ ଉଠିବାରେ ଲାଗିଛି । ଯାହାକୁ ନେଇ ସରକାରଙ୍କୁ ଘେରିଛନ୍ତି ଉଭୟ ବିଜେଡି ଓ କଂଗ୍ରେସ । ମଣ୍ଡି ଅବ୍ୟବସ୍ଥା ଯୋଗୁଁ ବର୍ଷାରେ ଧାନ ନଷ୍ଟ ହେଲାଣି । ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଧାନ କିଣା ବ୍ୟବସ୍ଥାକୁ ପଦାରେ ପକାଇଥିବା ଅଭିଯୋଗ କରିଛନ୍ତି ବିରୋଧୀ । ସେପଟେ ସମବାୟ ମନ୍ତ୍ରୀଙ୍କ ଅଜବ ଯୁକ୍ତି, ଖରାରେ ଓଦା ଧାନ ଶୁଖିବା ପରେ ପୁଣି କିଣିବେ ରାଜ୍ୟ ସରକାର ।ଅଦିନିଆ ବର୍ଷାରେ ଉପକୂଳ ଓଡ଼ିଶାରେ ଚାଷ କ୍ଷତିଗ୍ରସ୍ତ । ମୁଣ୍ଡରେ ହାତ ଦେଇ ବସିଛନ୍ତି ଚାଷୀ । ତେବେ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତୁତିକୁ ନେଇ ପ୍ରଶ୍ନ କରିଛନ୍ତି ବିଜେଡି ଓ କଂଗ୍ରେସ । ସରକାର ବାରମ୍ବାର ଘୋଷଣା କରିଥିଲେ । ଏବେ ଗ୍ରାଉଣ୍ଡରେ କ'ଣ



ଅବସ୍ଥା ନିଜେ ଯାଇ ଦେଖନ୍ତୁ ବୋଲି ବିଜେଡି ପରାମର୍ଶ ଦେଇଛି । ହଜାର ହଜାର ଏକର ଧାନ ଚାଷ ବର୍ଷାରେ ନଷ୍ଟ ହେଉଛି । ଯେଉଁ ଚାଷୀର ଧାନ ଅମଳ ହୋଇଯାଇଛି ତା' ପାଖରେ ଟୋକନ ନାହିଁ । ଯାହାର ଧାନ ଅମଳ ହୋଇନାହିଁ, ତାକୁ ଟୋକନ ଦିଆଯାଇଥିବା ବିଜେଡି ଅଭିଯୋଗ କରିଛି । ଚାଷୀ ଅମଳ ଧାନକୁ ସାଇତିବାକୁ ଜାଗା ଖୋଜୁଛି । ବର୍ଷା ପାଣି ମଣ୍ଡିରେ ପଶି ଧାନ ନଷ୍ଟ କରି ଦେଲାଣି । ଅନେକ ଧାନ ଟ୍ରକ୍ ମଣ୍ଡିକୁ ନଯାଇ ସିଧା ମିଲକୁ ଯାଉଛି । ଏହାଦ୍ୱାରା କେମିତି ଚାଷୀଙ୍କ ବିକାଶ ହେବ ବୋଲି ପ୍ରଶ୍ନ କରିଛି ବିଜେଡି । ଅଦିନିଆ ବର୍ଷା ଯୋଗୁଁ ଧାନର ରଙ୍ଗ ବଦଳିବା ସହ ଏଫଏକ୍ୟୁ ମାନକୁ ପ୍ରଭାବିତ କରିବ । ଯାହାଦ୍ୱାରା ଚାଷୀ କ୍ଷତି ସହିବେ । ଚାଷୀ ବାଧ୍ୟ ହୋଇ ଦଲାଲଙ୍କୁ ଧାନ ବିକ୍ରି କରି ଶୋଷଣର ଶିକାର ହେବେ । ସରକାରଙ୍କ ସବୁ ଘୋଷଣା ନିରର୍ଥକ ହୋଇଯାଇଛି । ଦଲାଲ ବି ସକ୍ରିୟ ଅଛନ୍ତି । ମଣ୍ଡିରେ କେମିତି ଚାଷୀଙ୍କ ଧାନ ସୁରକ୍ଷିତ ରହିବ, ସେ ଉପରେ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବାକୁ ବିଜେଡି ଦାବି କରିଛି ।ଅଦିନିଆ ବର୍ଷାକୁ ନେଇ ରାଜ୍ୟ ସରକାର ପ୍ରସ୍ତୁତ ନଥିବା ପରି ସନ୍ଦେହ ଉପୁଜିଛି । ହେଲେ ସମବାୟ ମନ୍ତ୍ରୀ ରାଜ୍ୟ ସରକାରଙ୍କ ପାଇଁ ଓକିଲାତି କରିବାକୁ ଯାଇ ଅବାନ୍ତର ଯୁକ୍ତି ରଖିଛନ୍ତି । ବର୍ଷାରେ ଧାନ ନଷ୍ଟ ହେଲାଣି । ହେଲେ ସମବାୟ ମନ୍ତ୍ରୀ କହୁଛନ୍ତି ଖରାରେ ଧାନ ଶୁଖିବା ପରେ ପୁଣି ଗ୍ରହଣ କରିବ ସମବାୟ ବିଭାଗ । ଏହି ବିଚିତ୍ର ଯୁକ୍ତିକୁ କଟାକ୍ଷ କରିଛି କଂଗ୍ରେସ । ରାଜ୍ୟ ସରକାରଙ୍କ ପାଖରେ ବୋଧେ କିଛି ମନ୍ତ୍ର ଅଛି ବୋଲି ଖରାରେ ଶୁଖାଇ ଧାନ ଠିକ ହେବା କଥା କହୁଛନ୍ତି । ବର୍ଷାରେ ଧାନ ନଷ୍ଟ ହେଉଛି । ଏଥିପାଇଁ ବିପର୍ଯ୍ୟସ୍ତ ମଣ୍ଡି ବ୍ୟବସ୍ଥାକୁ କଂଗ୍ରେସ ଟାର୍ଗେଟ କରିଛି । ଧାନ ରଖିବା ଲାଗି ଗୋଦାମ ଅଛି କି ବୋଲି ପ୍ରଶ୍ନ କରିଛି କଂଗ୍ରେସ । ସରକାର ବାହସ୍ତ ?ଟ ନ ମାରି ଚାଷୀଙ୍କୁ ସୁରକ୍ଷା ଦେବାକୁ କଂଗ୍ରେସ ଦାବି କରିଛି ।

## କାଲିଠାରୁ କମିଯିବ ଏହି ଝିପଝିପ ବର୍ଷା, ଆଞ୍ଚଳିକ ପାଣିପାଗ ନିର୍ଦ୍ଦେଶିକାଙ୍କ ସୂଚନା

ଭୁବନେଶ୍ୱର,୨୧।୧୨(ପି.ଏନ): ଲଘୁଚାପ ପ୍ରଭାବରେ ଓଡିଶାରେ ଜାରି ରହିଛି ଝିପଝିପ ବର୍ଷା।। ବଙ୍ଗୋପସାଗରରେ ଥିବା ଲଘୁଚାପ ଘନୀଭୂତ ହୋଇ ଅବପାତର ରୂପ ନେଇଛି। ଏହାର ପ୍ରଭାବରେ ରାଜ୍ୟରେ ଗତକାଲି ଅର୍ଥାତ ଶୁକ୍ରବାରଠାରୁ ଝିପଝିପ ବର୍ଷା ଲାଗିରହିଛି। ଏଥିସହ ଶୀତ ଯୋଗୁଁ ଥଣ୍ଡା ଅନୁଭୂତ ହେଉଛି। ଏହି ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ତେବେ ଏହି ବର୍ଷା ଆସନ୍ତା କାଲି ଯାଏଁ ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ସୂଚନା ଜାରି କରିଛି ।ଏହାରି ମଧ୍ୟରେ ଆଞ୍ଚଳିକ



ପାଣିପାଗ ନିର୍ଦ୍ଦେଶିକା ପାଣିପାଗକୁ ନେଇ ସୂଚନା ଜାରି କରିଛନ୍ତି। ସୂଚନା ମୁତାବକ, ଆସନ୍ତା କାଲିଠାରୁ ବର୍ଷା କମିଯିବ। ବର୍ଷା କମିବା ସହ ପାଗ କୋହଲା ରହିବ। ହେଲେ ଦକ୍ଷିଣ ଉପକୂଳ ଜିଲ୍ଲାରେ କାଲି ମଧ୍ୟ ଏହି ଝିପଝିପ ବର୍ଷା ଜାରି ରହିବ। ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡା ଜିଲ୍ଲାରେ ବର୍ଷା ଜାରି ରହିବ। ଆସନ୍ତା ୪୮ ଘଣ୍ଟାରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ଦିନ ତାପମାତ୍ରା କମିବା ସହ ରାତି ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିଛି ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଜାରି କରିଛି।

## ଦଳିତ ଛାତ୍ରଛାତ୍ରୀଙ୍କୁ ମିଳିବ ଆମ୍ବେଦକର ସ୍କଲାରସିପ୍

ନୂଆଦିଲ୍ଲୀ,୨୧।୧୨(ପି.ଏନ): ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଆମ୍ ଆଦମୀ ପାର୍ଟିର ଜାତୀୟ ସଂଯୋଜକ ଅରବିନ୍ଦ କେଜ୍ରିୱାଲ ଏକ ବଡ ପଦକ୍ଷେପ ନେଇଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ସେ ଦିଲ୍ଲୀର ଦଳିତ ଛାତ୍ରଛାତ୍ରୀମାନଙ୍କ ପାଇଁ ଡକ୍ଟର ଆମ୍ବେଦକର ସ୍କଲାରସିପ୍ ଘୋଷଣା କରିଛନ୍ତି । ଏହିସମୟରେ କେଜ୍ରିୱାଲ ଭାରତୀୟ ଜନତା ପାର୍ଟି ଏବଂ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଥିଲେ । ସେ କହିଛନ୍ତି ଯେ, ୩ ଦିନ ପୂର୍ବରୁ ଗୃହମନ୍ତ୍ରୀ ଅମିତ ଶାହା ବାବା ସାହେବ ଆମ୍ବେଦକରଙ୍କୁ ପରିହାସ କରିଥିଲେ । କେଜ୍ରିୱାଲ କହିଛନ୍ତି ଯେ, ବାବା ସାହେବ ଜୀବିତ ଥିବାବେଳେ ମଧ୍ୟ ସାରା ଜୀବନ ତାଙ୍କୁ ପରିହାସ କରୁଥିଲେ ।








# ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଉଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି



ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି ।

## ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ରହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି



କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



'ଜଙ୍ଗଲ୍ସ ଇନ୍ ପ୍ୟାରିସ', ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

# ଆଇସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆଇସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି । ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




**ଭୁବନେଶ୍ୱର, ୨୦୨୪, ଡିସେମ୍ବର ୨୨**

# ବସୁଧୈବ କୁଟୁମ୍ବକମ୍...


ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

ପରିବାର, ମନୁଷ୍ୟର ଦେହ, ଗୃହ ଓ କୁଟୁମ୍ବରେ ଆସକ୍ତି ଚିନ୍ତନକୁ ନେଇ ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ରହିଛି – 'ଦେହ କଳତ୍ର ସୁତ ଘର, ପଶୁ ଇତ୍ୟାଦି ବନ୍ଧୁ ମୋର। ମନକୁ ଏଣେ ଦୃଢ଼ କରେ, ସୁଖ ମଣଇ ଦୁଃଖ ଘୋରେ। ମଣଇ କୃତାର୍ଥ ହୋଇଲି, ଅନେକ ସୁଖ ମୁଁ ପାଇଲି। ମୋ ତୁଲ୍ୟ ନାହିଁ ଭାଗ୍ୟବନ୍ତ, କେ ଅଛି ମୋ ସମ ମହତ। ତହିଁରେ ଯେତେ ଦୁଃଖ ହୁଏ, ନ ବୁଝେ ପଡ଼ି ମାୟାମୋହେ।' ଉଦାର ଚିତ୍ତ ବ୍ୟକ୍ତି ନିମିତ୍ତ ଏ ସମ୍ପୂର୍ଣ୍ଣ ପୃଥିବୀ ଗୋଟିଏ କୁଟୁମ୍ବ ସଦୃଶ । ଉଦାର ବ୍ୟକ୍ତି ମୋର, ତୋର ବୋଲି କହି ନଥାନ୍ତି । ତାଙ୍କର ଜୀବନ ପର ସେବାରେ ନିୟୋଜିତ ରହେ । ଯେପରି ବୃକ୍ଷରେ ଫଳ ଆସିଲେ ନଇଁ ପଡ଼େ ତାହା ଅନ୍ୟର ସ୍ୱାର୍ଥରେ ଲାଗିଥାଏ, ଉଦାରବ୍ୟକ୍ତି କେବଳ ଅନ୍ୟର କଲ୍ୟାଣ ନିମିତ୍ତ ଚେଷ୍ଟାକରନ୍ତି । ସାଧୁ ମହାମାନବ ଏବଂ ସଜ୍ଜନ ଗଣ ବୃକ୍ଷ ସଦୃଶ । ବୃକ୍ଷ ନିଜେ ବହୁ କଷ୍ଟ ସ୍ୱୀକାରକରି ଫଳ ଧରେ ସେହି ଫଳକୁ ନିଜେ ଖାଏନା, ଅନ୍ୟକୁ ଦିଏ । ସେମିତି ଉଦାର ବ୍ୟକ୍ତିମାନେ ନିଜେ କଷ୍ଟ ସହି ଅନ୍ୟର ଉପକାର କରିଥାନ୍ତି । ଯେପରି ଫଳିଥିବା ବୃକ୍ଷକୁ ପଥର ଫିଙ୍ଗିଲେ ସେ ପଥର ମାଡ ସହି ମଧ୍ୟ ଫଳଦାନ କରିଥାଏ, ହିଂସାର ଉତ୍ତର ହିଂସା ନୁହେଁ କ୍ଷମା । ପରାର୍ଥେ ପ୍ରାଜ୍ଞ ପ୍ରାଣ ଉତ୍ସୃଜେତ୍ । କ୍ଷମା ହେଉଛି ମହତ୍ ଲୋକର ଲକ୍ଷଣ । କ୍ଷମା ଅର୍ଥ ଦୁର୍ବଳତା ବା ଭୀରୁତା ନୁହେଁ, କ୍ଷମାର ଅର୍ଥ ଉଦାରତା ଏବଂ ସହିଷ୍ଣୁତା । ଉଦାର ମନୁଷ୍ୟ ନିମିତ୍ତ ଧନ, ବୀର ପୁରୁଷଙ୍କ ନିମିତ୍ତ ମୃତ୍ୟୁ, ବିରକ୍ତଙ୍କ ନିମି ସ୍ତ୍ରୀ ଓ ନିଷ୍ପୃହଙ୍କ ନିମିତ୍ତ ସଂସାର ତୃଣ ସମାନ ବୋଧ ହୁଏ । ଅର୍ଥାତ୍ ଅତି ତୁଚ୍ଛ ଅଟେ । ଉଦାର ବ୍ୟକ୍ତି ପରର ନିନ୍ଦାକୁ ମୂକ, ପରଦୋଷ ଦେଖିବାରେ ଅନ୍ଧ, ଚୁଗୁଲି କରିବାରେ ବଧିର ଭଳି ହୋଇଥାଆନ୍ତି । ପରନିନ୍ଦା କରିବା ଅର୍ଥ ପରର ଦୋଷକୁ କୁଢ଼ାଇ ଆଣି ନିଜେ କଳଙ୍କିତ ହେବା। ଚନ୍ଦନ ବୃକ୍ଷକୁ କୁରାଢ଼ିରେ କାଟିଲେ ଯେପିର କାଟିବା ଯନ୍ତ୍ରକୁ ସେ ବାସ ବିତରଣ କରେ ବରଂ ବାରଣ କରେ ନାହିଁ ଯେ ମୋତେ କାଟିଛି ଯାକୁ ବାସ୍ନା ଦେବି ନାହିଁ, ସେହିପରି ଉଦାର ବ୍ୟକ୍ତିର ଅହିତ କରୁଥିବା ଲୋକକୁ କ୍ଷମାପ୍ରଦାନ କରନ୍ତି ଏବଂ ଭଲ ପାଇଥାଆନ୍ତି । ଯେପରି ଦାନବୀର କର୍ଣ୍ଣ ଜାଣିଥିଲେ କୁଣ୍ଡଳଟି ଚାଲିଗଲେ ମୃତ୍ୟୁ ସୁନିଶ୍ଚିତ ତଥାପି ନିଜର କୁଣ୍ଡଳକୁ, ଦାନ କରିଛନ୍ତି । ସେହିପରି ଶିବିରାଜା ଗୋଟିଏ ପକ୍ଷୀକୁ ବଞ୍ଚାଇବାକୁ ଯାଇ ନିଜର ମାଂସକୁ ମଧ୍ୟ ପ୍ରଦାନ କରିଥିଲେ । ଦେବତାମାନଙ୍କ ଦୁର୍ଦ୍ଦଶାକୁ ଦୂର କରିବାକୁ ଦଧିଚୀ ଋଷି ନିଜର ଶରୀରକୁ ତିଳ ତିଳ କରି କ୍ଷୟ କରିଥିଲେ ଏବଂ ନିଜର ଅସ୍ଥିକୁ ସମଗ୍ର ଜଗତ ପାଇଁ ଦାନ କରିଥିଲେ । ଯେଉଁ ଅସ୍ଥିରୁ ଜୀମୂତ ବାହନ ଇନ୍ଦ୍ରଙ୍କ ବଜ୍ରନିର୍ମିତ ହୋଇଥିଲା । ସାରା ସଂସାରରେ ମହାତ୍ମାଙ୍କ ନିକଟରେ କିଛି ଅଦେୟ ନଥାଏ । ବିଶ୍ୱାସ ପରି ଆଉ ସିଦ୍ଧି ନାହିଁ ଓ ଜ୍ଞାନ ପରି ଆଉ ଦୃଷ୍ଟି ନାହିଁ।

ଲୋଭୀ ଲୋକ ଧନଲୋଭରେ ପଡ଼ି ସମସ୍ତ ଧନ ସମ୍ପତ୍ତିକୁ ମାଟିରେ ପୋତି ଦେଇଥାଏ । ସେହି ଧନ ତା ନିଜ କାର୍ଯ୍ୟରେ ଲାଗେ ନାହିଁ କିମ୍ବା ଅନ୍ୟର ଉପକାରରେ ମଧ୍ୟ ଲାଗେନାହିଁ । କିନ୍ତୁ ଯିଏ ଦାତା, ଜୀବନରେ ଅନ୍ୟର ଉପକାର କରି ନିଃସ୍ୱ ହୋଇଯାଇଥାଏ । ତଥାପି ତା'ର ମନ ଅତି ଆନନ୍ଦିତ । କାରଣ ତାର ଧନ ଅନ୍ୟର ଉପକାରରେ ଲାଗିଲା । ସେ ଭାବେ ଦାତା ଏକ ରାମ ଔର ଭିକାରୀ ସାରେ ଦୁନିଆଁ । ସବକୋ ଦେତା ହୈ ଏକହି ଦାତା । ତେଣୁ ସେ ତା'ର ଧନକୁ ଦାନକରି ଆନନ୍ଦ ପାଇଥାଏ । ଆଜି ମନୁଷ୍ୟ ମଧ୍ୟରେ ସ୍ୱାର୍ଥପର ଶୈତାନ୍ ବସିଥିବାରୁ ସେ ହିଂସା, ଈର୍ଷା ଏବଂ ଅନ୍ୟର କ୍ଷତିକରିବାକୁ ପଶ୍ଚାତ୍‌ପଦ ହେଉନାହିଁ । ତା'ର ଯେତିକି ଆବଶ୍ୟକ ତା'ଠାରୁ ବହୁଗୁଣ ଅଧିକ ସମ୍ପତ୍ତି ଠୁଳ କରୁଛି । ପାପ ଅର୍ଜିତ ସେହି ସମ୍ପତ୍ତିକୁ ସୁରକ୍ଷା କରିବାକୁ ଯାଇ ସରକାର ହାତରେ ଧରାପଡୁଛି । କେତେ ନିନ୍ଦା, କେତେ କଳଙ୍କର ଟୀକା ତାକୁ ବହନ କରିବାକୁ ପଡୁଛି । ମଣିଷ ଭାବେ ସମ୍ପତ୍ତି ନେଇ ସେ ସୁଖି ହେବ କିନ୍ତୁ ଯେଉଁ ସମ୍ପତ୍ତିକୁ ସେ ସୁଖର କାରଣ ଭାବେ ତାହା ଦିନେ ଦୁଃଖର କାରଣ ହୋଇ ଠିଆହୁଏ । ସମ୍ପତ୍ତିକୁ ଠୁଳକରିଥିବା ମଣିଷଟି ନା ଶାନ୍ତିରେ ଶୋଇପାରେ ନା ଶାନ୍ତିରେ ଭାଜନ କରିପାରେ । ମନଟି ତାର ସର୍ବଦା ଥାଏ ସମ୍ପତି ପାଖରେ । ଯେତେବେଳେ ମନ ଈଶ୍ୱର ବା ସତ୍ ଚିନ୍ତନରୁ ଓହରିଯାଇ ବିଷୟରେ ଲାଗିଯାଏ ସେତେବେଳେ ଯାବତୀୟ ଅଶାନ୍ତି ଆସିଥାଏ । ମଣିଷର ଲୋଭ ପ୍ରବୃତ୍ତି ହିଁ ତା'ଅଶାନ୍ତିର ମୂଳକାରଣ ହୋଇଥାଏ । ଗୋଟାଏ ବଖରା ଘରକୁ ମଣିଷର ଆୟୁଷ ନାହିଁ ତଥାପି ସେ ଅନେକ ଘରତୋଳୁଛି । ଏହା କିନ୍ତୁ ପରମେଶ୍ୱର ସହନ୍ତିନାହିଁ । ଯେଉଁଲୋକ ଯେତିକି ସମ୍ପତ୍ତି ଠୁଳକରେ ସେ ସେତିକି ଦୁଃଖି ହୋଇଥାଏ । ଯେ ଯେତିକି ସ୍ୱାର୍ଥପର ହୋଇଥାଏ ସେ ସେତିକି ଯନ୍ତ୍ରଣା ଜର୍ଜରିତ ହୋଇଥାଏ । ସଂସାରରେ କାହାର ଦୁଃଖର କାରଣ ନହେଲେ କେହି ତୁମ ଦୁଃଖର କାରଣ ହେବନାହିଁ । ସେଥିପାଇଁ ଜିସସ୍ କହିଥିଲେ ସ୍ୱାର୍ଥପର ଶୈତାନ୍‌କୁ ତଡ଼ି, ପ୍ରେମମୟ ଭଗବାନଙ୍କୁ ହୃଦୟରେ ବସାଇବା ଉଚିତ । ସେହିପରି ଗୌରାଙ୍ଗ ଦେବ ନିଜେ ମାଡ଼ ଖାଇ ମଧ୍ୟ ଜଗାଇମାଧାଇଙ୍କୁ ପ୍ରେମମୟ ପ୍ରଭୁଙ୍କୁ ଦର୍ଶନ କରି ନିଜ ଜୀବନକୁ ପରାର୍ଥେ ଉତ୍ସର୍ଗୀକୃତ କରି ସମଗ୍ର ବିଶ୍ୱ ବାସୀଙ୍କୁ ନିଜର କୁଟୁମ୍ବ ବୋଲି ଭାବିଥାଆନ୍ତି ।

*ଫ୍ଲଟ ନଂ : ୧୦୮୨/ଡ଼ି, ସେକ୍ଟର-୬, ସିଡ଼ିଏ, କଟକ, ଦୂରଭାଷ : ୯୮୬୧୩୫୫୬୨୮*

# ଡିଜିଟାଲ ଡ୍ରଗ୍ସ


ଡାକ୍ତର ସମ୍ରାଟ କର

ଡିଜିଟାଲ ଦୁନିଆ ପାଇଁ ଆମ ସମସ୍ତଙ୍କ କାର୍ଯ୍ୟପ୍ରଣାଳୀ ଯେତିକି ସହଜ ହୋଇପାରିଛି, ଯୁବପିଢ଼ି ଓ ଶିଶୁଙ୍କ ଉପରେ ସେତିକି କୁପ୍ରଭାବ ପଡ଼ିଛି । ସାଧାରଣ ଜୀବନରେ ଏହା ଅନେକଙ୍କ ପାଇଁ ଏକ ଅତ୍ୟାବଶ୍ୟକତା ପାଲଟିଗଲାଣି । ଓଡ଼ିଆରେ ଏକ ଲୋକକଥା ଅଛି 'ଦେଖାଶିଖା ଓଡ଼ିଶା' । ଅର୍ଥାତ୍ ନଜାଣି ନବୁଝି ଆମ ପାଖରେ ଜଣେ ଯଦି ଏକ ଭିନ୍ନ ଆଚରଣ ବା ଢ଼ଙ୍ଗରଙ୍ଗ ଦେଖାଏ ଆମ୍ଭେମାନେ ସେହିପରି ନିଜକୁ ଅଭ୍ୟସ୍ତ କରାଇଲେ । କିଛିଦିନ ହେବ ବିଶେଷ ଭାବରେ ଟିନ୍‌ଏଜମାନେ ଦକ୍ଷିଣ କୋରିଆନ ମ୍ୟୁଜିକ ବ୍ୟାଣ୍ଡ ବିଟିଏସ୍ ପାଇଁ ପାଗଳ ହୋଇଉଠିଛନ୍ତି । କେବଳ ସଙ୍ଗୀତ ନୁହେଁ, ତାଙ୍କ ଭଳି ପୋଷାକ ପିନ୍ଧିବା ଏବଂ ତାଙ୍କର ଖାଦ୍ୟ ଶୈଳୀକୁ ଅନୁସରଣ କରୁଛନ୍ତି । ଏ କ୍ଷେତ୍ରରେ କିଛି ଜଣ ପିଲା ହସ୍ପିଟାଲରେ ମଧ୍ୟ ଭର୍ତ୍ତି ହୋଇଥିବାର ଖବର ମିଳିଛି । ଏହାକୁ ଆମ ମନସ୍ତାତ୍ତ୍ୱିକ ଭାଷାରେ ଡିଜିଟାଲ ଡ୍ରଗ୍ସ ବୋଲି ବୁଝାଯାଇଥାଏ । ଏହାକୁ 'ବାଇନୋରଲ୍ ବିଟ୍ସ' ବା 'ଅଡିଓ ଡ୍ରଗ୍ସ' ମଧ୍ୟ କୁହାଯାଏ । ପ୍ରକୃତରେ ଡିଜିଟାଲ ଡ୍ରଗ୍ସର ଅର୍ଥ ହେଉଛି, ଉଚ୍ଚ ଧ୍ୱନୀ ସମ୍ପନ୍ନ ସଙ୍ଗୀତ ଶୁଣିବାର ଏକ ଅଭ୍ୟାସ । ଯଦି ସେଭଳି ସଙ୍ଗୀତ ଶୁଣିବାକୁ ନମିଳେ, ତେବେ ଡ୍ରଗ୍ସ ଅଭାବରେ ହେଉଥିବା ଲକ୍ଷଣ ଗୁଡ଼ିକ ଦେଖାଯାଏ । ଏହି ସଙ୍ଗୀତରେ ଦୁଇଟି ଭିନ୍ନ ଫ୍ରିକ୍ୱେନ୍ସିର ସଙ୍ଗୀତ ତରଙ୍ଗ କାନ ଦ୍ୱାରା ମସ୍ତିଷ୍କକୁ ଯାଇଥାଏ, ଯାହା ମନୋରଞ୍ଜନ କରେ । ଏହାକୁ ଶୁଣିବା ଦ୍ୱାରା ମାଦକଦ୍ରବ୍ୟ ଖାଇବା ଭଳି ଅନୁଭୂତ ହୁଏ । ସୋସିଆଲ ମିଡ଼ିଆରେ ଏଭଳି ସଙ୍ଗୀତର ଅଡ଼ିଓ ଓ ଭିଡ଼ିଓ ରହିଛି, ଯାହାକୁ ଶୁଣିବା ପରେ ଯୁବଗୋଷ୍ଠୀ ମାନସିକ ଅସୁସ୍ଥତାରେ ପୀଡ଼ିତ ହେଉଛନ୍ତି । ଏହି ମାନସିକ ଅସୁସ୍ଥତାର ଶିକାର ଅଧିକାଂଶ କେବଳ ଯୁବ ପିଢ଼ି ନୁହଁନ୍ତି କର୍ମଜୀବୀଙ୍କ ଭିତରେ ଏହା ବଢୁଥିବାରୁ ସେମାନଙ୍କ କର୍ମ ସଂସ୍ଥାନରେ ବିଶୃଙ୍ଖଳା ସହ ବ୍ୟକ୍ତିଗତ ଜୀବନରେ ମଧ୍ୟ କେତେକ ବିଲକ୍ଷଣ ସୃଷ୍ଟି କରିବା ସ୍ୱାଭାବିକ । ପ୍ରାଥମିକ ଅବସ୍ଥାରେ ଏହି 'ବାଇନୋରଲ୍ ବିଟ୍ସ'ର ସହଜ ଶିକାର ହେଉଥିବା ଲୋକମାନେ ପରବର୍ତ୍ତୀ ସମୟରେ ଉଚ୍ଚ ଫ୍ରିକ୍ୱେନ୍ସିର କେବଳ ସଂଗୀତ ନୁହେଁ କଥାବାର୍ତ୍ତା ଶୁଣିବାକୁ ଭଲପାଆନ୍ତି ଯାହାକି କେବଳ ଏକ ପ୍ରକାର ମାନସିକ ବିକାରତା ନୁହଁ ବରଂ ଏକ ସାମାଜିକ ବିକାରତା । କାରଣ ଉଚ୍ଚ ଧ୍ୱନୀ ବା ସଂଗୀତ କିମ୍ବା କଥାବର୍ତ୍ତା ଆପଣଙ୍କ ଆଖପାଖର ପରିବେଶକୁ ଖରାପ କରିଥାଏ । ଅନ୍ୟମାନଙ୍କ ପାଇଁ ଏହା ଶ୍ରୁତିକଟୁ ହେବା ମଧ୍ୟ ସ୍ୱାଭାବିକ ଏବଂ ଏହାକୁ ନେଇ ବେଳେ ବେଳେ କୌଣସି କୌଣସି ସ୍ଥାନରେ ଅଭାବନୀୟ ଘଟଣା ଘଟିବାର ନଜିର ମଧ୍ୟ ରହିଛି । ଗୋଟିଏ କାନରେ ୫୦୦ ହର୍ଜ ଏବଂ ଦ୍ୱିତୀୟ କାନରେ ୫୨୦ ହର୍ଜର ଫ୍ରିକ୍ୱେନ୍ସି ସଙ୍ଗୀତ ଶୁଣିବା ଦ୍ୱାରା ମସ୍ତିଷ୍କରେ ଏକ ଅଡ଼ିଟରି ଇଲ୍ୟୁଜନ ସୃଷ୍ଟି ହୋଇଥାଏ । ଏହାପରେ ମସ୍ତିଷ୍କରୁ ଆସୁଥିବା ବାୟୋଫିଡ଼ବ୍ୟାକ ଦ୍ୱାରା ଶାନ୍ତି ଓ ଖୁସିର ଅନୁଭବ ହୁଏ । ଅନେକଥର ଏଭଳି ସଙ୍ଗୀତ ଶୁଣିବା ଦ୍ୱାରା ବ୍ୟକ୍ତି ଭାବୁକ ହୋଇଉଠେ, ଭୁଲ ଠିକର ବିଚାର କରିବାର ଶକ୍ତି ହରାଇବସେ, ନିଜ ଦୈନନ୍ଦିନ କାମରେ ରୁଚି ରଖେନାହିଁ, ହାତ ଗୋଡ଼ ଦୁର୍ବଳ ହେଲା ଭଳି ଅନୁଭବ ହୁଏ, ମାଂସପେଶୀ ଟାଣି ହୋଇଗଲା ଭଳି ମନେହୁଏ । ତେଣୁ ଏହି ସଙ୍ଗୀତକୁ ଭାଙ୍ଗ ବିଟ୍ସ ମଧ୍ୟ କୁହାଯାଏ । ଯଦି ଏହି ସଙ୍ଗୀତ ଗୋଟିଏ ଦିନ ଶୁଣିବାକୁ ନ ମିଳେ, ତାହେଲେ ଆକ୍ରମଣାତ୍ମକ ବ୍ୟବହାର, ବ୍ୟସ୍ତ ବିବ୍ରତ ଚିନ୍ତାଧାରା, ଅସ୍ତବ୍ୟସ୍ତ ଲାଗିବା ଭଳି ଲକ୍ଷଣ ଦେଖାଯାଏ । ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଡିଜିଟାଲ ଡ୍ରଗ୍ସର ଅଭ୍ୟାବ କବଳରେ ୫.୩% କମ ବୟସର ପିଲାମାନେ ଅଛନ୍ତି । ଏହାକୁ ଦୂର କରିବା ପାଇଁ ମନୋଚିକିତ୍ସକଙ୍କ ପରାମର୍ଶ ସହ ସିବିଟି (କଗ୍‌ନିଟିଭ ବିହେଭିଅର ଥେରାପି) ନେବା ଉଚିତ । ପିଲାମାନେ ଏଥିରେ ଏପରି ଆସକ୍ତ ହୋଇପଡ଼ିଥାନ୍ତି ଯେ ସେମାନେ କେବଳ ନିଜ ପାଠପଢ଼ା ନୁହେଁ ନିଜ ଖାଇବା ପିଇବାକୁ ମଧ୍ୟ ଏକ ପ୍ରକାର ଭୁଲି ଯାଇଥାନ୍ତି । ସେମାନଙ୍କ ଶରୀରିକ ଅଭିବୃଦ୍ଧି ଓ ସୃଜନଶୀଳତା ସବୁକିଛି ବାଧାପ୍ରାପ୍ତ ହୋଇଥାଏ । ସେହିପରି ଆପଣଙ୍କ ନିତିଦିନିଆ ଜୀବନରେ ଅତ୍ୟଧିକ ସମୟ କାନରେ ହିୟରିଂଏଡ଼ ଦେଇ ସଙ୍ଗୀତ ଶୁଣିବା ହେଉ ବା ମୋବାଇଲ ବ୍ୟବହାର ଏହା ଖରାପ ନିଶ୍ଚୟ । ଏହା କାନକୁ ପ୍ରଭାବିତ କରିବା ସହ ଜଣକୁ ନିଜେ ଉପସ୍ଥିତ ଥିବା ସ୍ଥାନ ଠାରୁ ଏକ ପ୍ରକାର ଅସ୍ୱାଭାବିକ କରିଦିଏ ଯାହାପାଇଁ କି ଅନେକ ସମୟରେ ଦୁର୍ଘଟଣାର ଅଘଟଣ ସୃଷ୍ଟି କରିଥାଏ । ଅନେକ ଏହାକୁ ନିଜ ଭୋକଶୋଷ ଭୁଲି କାମଧନ୍ଦାକୁ ଅବହେଳା କରିଥାନ୍ତି । ସେମାନଙ୍କ ଜୀବନର ରୁଟିନ ଏକ ଭିନ୍ନ ଢ଼ଙ୍ଗରେ ଚାଲିଥାଏ । ଘଣ୍ଟା ଘଣ୍ଟା ଧରି ଏହା କାନରେ ରହିବା ଦ୍ୱାରା ପ୍ରଥମତଃ ଜଣଙ୍କ ଏକାଗ୍ରତା ନଷ୍ଟ ହୋଇଥାଏ ଦ୍ୱିତୀୟତଃ ଏହା ଆପଣଙ୍କ ପରବର୍ତ୍ତୀ ସମୟରେ ଶ୍ରବଣ ଶକ୍ତି ଉପରେ ଗୁରୁତର ପ୍ରଭାବ ପକାଇଥାଏ । ବିଶେଷକରି କାନ ଝିଲ୍ଲୀ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ମଧ୍ୟ ରହିଥାଏ । ପରବର୍ତ୍ତୀ ସମୟରେ ଏହା ଅନେକ ଅସୁବିଧାର କାରଣ ହୋଇଥାଏ । ଅନେକ ଏହାପରେ ବିଭିନ୍ନ ନିଶା ସେବନର ଅଭ୍ୟାସ କରିଥାନ୍ତି, ସଠିକ ସମୟରେ ନିଦ ହୋଇନଥାଏ ଏବଂ ଜଣେ ଅଯଥାରେ ଅନ୍ୟମାନଙ୍କ ଉପରେ ଚିଡ଼ଚିଡ଼ା ବ୍ୟବହାର ମଧ୍ୟ ଦେଖାଇଥାଏ । ତେଣୁ ଏହାଠାରୁ ଦୂରେଇବା ସବୁଠାରୁ ଭଲ । ଜଣଙ୍କ ଜୀବନରେ ଯେତିକି ସମୟ ଆବଶ୍ୟକ ପଡୁଛି ସାମାଜିକ ଗଣମାଧ୍ୟମ ସହ ସକ୍ରିୟ ରୁହନ୍ତୁ ଏବଂ ମନେରଖନ୍ତୁ ଯେ, ଆପଣଙ୍କର ବି ଜୀବନ ଅଛି, ଆପଣଙ୍କର କର୍ମ ସଂସ୍ଥାନ ଅଛି ଏବଂ ଘର ପରିବାର ବି ଅଛି । ଏସବୁ ଭିତରେ ଭାରସାମ୍ୟ ରଖନ୍ତୁ । ଏ କ୍ଷେତ୍ରରୁ ଯଥା ସମ୍ଭବ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ । ପ୍ରଥମତଃ ନିଜ ସମୟ ଓ କାର୍ଯ୍ୟ ନିର୍ଘଣ୍ଟ ସହ ଆପଣଙ୍କ ପ୍ରତିଦିନର ରୁଟିନ ବନ୍ଧା ଜୀବନକୁ ଦେଖନ୍ତୁ । ଏହା ଯେପରି ଅନ୍ୟ ମାନଙ୍କ ପାଇଁ ବିରକ୍ତିକର ଓ ଶ୍ରୁତିକଟୁ ନହୁଏ ସେ ଦିଗକୁ ଅଣଦେଖା କରନ୍ତୁ ନାହିଁ । କେହି କେହି କେବଳ ଶାରୀରିକ କ୍ରୀଡ଼ା କୌଶଳ, ବ୍ୟାୟାମ ବା ଜଗିଂ ବା ମର୍ଣ୍ଣିଂଓ୍ୱାର୍କ ନୁହେଁ ବରଂ ଯୋଗ ପ୍ରାଣାୟମ ସମୟରେ ମଧ୍ୟ ଏହାର ସାହାରା ନେଇଥାନ୍ତି ଯାହାକି ଆଦୌ ଠିକ ନୁହେଁ । ଏହା ଯେପରି ଆପଣଙ୍କ ସର୍ବନିମ୍ନ ଖାଇବା ପିଇବା ଓ ବିଶ୍ରାମକୁ ଅସଜଡ଼ା ନକରେ ସେ ଦିଗ ପ୍ରତି ସତର୍କ ରୁହନ୍ତୁ । କାରଣ ଅନେକଙ୍କ ଏହି କୁଅଭ୍ୟାସ କେବଳ ଘର ପରିବାରର ଜୀବନ ନୁହେଁ ସେମାନଙ୍କ କର୍ମମୟ ବା କର୍ମ ସଂସ୍ଥାନର କ୍ଷେତ୍ରକୁ ପ୍ରଭାବିତ ମଧ୍ୟ କରିଥାଏ । ଆପଣଙ୍କ ସର୍ବନିମ୍ନ ଦୂରତାରେ କୌଣସି ଗୀତ ସଂଗୀତ ଭିତରେ ଯୋଗ ପ୍ରାଣାୟମ ବା ଅନ୍ୟ କାର୍ଯ୍ୟ କରିପାରନ୍ତି ଏହା ଏକ ଭଲ ଅଭ୍ୟାସ କିନ୍ତୁ ଆପଣଙ୍କ ଜୀବନଚର୍ଯ୍ୟା ଓ ଦାୟିତ୍ୱ ସହ ଜୀବନ ଚେତନାକୁ ଯେପରି ଏହା ଦୁଃଖଦର କାରଣ ନହୁଏ ଆପଣ ଏହାକୁ ବିଚାର କରି ଜୀବନକୁ ପ୍ରସ୍ତୁତ କରନ୍ତୁ ।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ*

# ଦୀକ୍ଷା

**ଅତନୁ କୁମାର ଜେନା**

ଦୀକ୍ଷା ନେବା ଅର୍ଥ ଦକ୍ଷତା ଲାଭର କୌଶଳ ଜାଣିବା । ସେହି କୌଶଳ ଜାଣିନେଇ ତଦନୁଯାୟୀ ଅନୁଶୀଳନ କରିବାକୁ ହୁଏ । ଆଶୀର୍ବାଦ ଅର୍ଥ ଅନୁଶାସନବାଦ । ଅନୁଶାସନକୁ ମାନିଲେ ହିଁ ଆଶୀର୍ବାଦ ମିଳେ । ଜୀବନର ସୁଖ ସ୍ୱାଚ୍ଛନ୍ଦ୍ୟ ଭୋଗର ପ୍ରଧାନ ଜଗକରଣ ହେଲା ପ୍ରବୃତ୍ତି । ପୁଣି ପ୍ରଧାନ ଅନ୍ତରାୟ ହେଲା ମଧ୍ୟ ପ୍ରବୃତ୍ତି । ପ୍ରବୃତ୍ତିଗୁଡ଼ିକ ସୁଖ ସ୍ୱାଚ୍ଛନ୍ଦ୍ୟ ଲାଭର ଅନ୍ତରାୟ ନହୋଇ କିପରି ଭାବରେ ସହାୟକ ହୁଏ ତା'ର କୌଶଳ ସଦ୍‌ଗୁରୁଙ୍କ ପାଖରୁ ଜଣାଯାଏ । ଅସ୍ତିତ୍ୱର ଧାରଣ, ପୋଷଣ ଓ ରକ୍ଷଣର କୌଶଳ ଯିଏ ଜାଣନ୍ତି ସେ ହିଁ ସଦ୍‌ଗୁରୁ । ତେଣୁ ଦୀକ୍ଷା ନେବା ଆବଶ୍ୟକ ସଦ୍‌ଗୁରୁ ବା ଆଚାର୍ଯ୍ୟଙ୍କ ପାଖରୁ – ଯିଏ ଆଚରଣ କରି ଜାଣିଛନ୍ତି । ଦୀକ୍ଷା ମାନେ ହିଁ ଦକ୍ଷତାର ଅନୁଶୀଳନ, ଯାହାଙ୍କୁ କରୁ ସନିତୋମୁଖୀ ଦକ୍ଷତା ସ୍ୱତଃ ହିଁ ବୃଦ୍ଧିପାଏ । ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ଦୀ'। କହିଲେ ମୁଁ ବୁଝେ ଗୁରୁଙ୍କ ସମ୍ପୂର୍ଣ୍ଣ ଭାବରେ ଗ୍ରହଣ, ତାଙ୍କ ପାଖରେ ଆତ୍ମ ସମର୍ପଣ ଓ ସେହି ମାଧ୍ୟମରେ ଦକ୍ଷତାର ଅନୁଶୀଳନ, ନୀତି ଯାହାଙ୍କ ଜୀବନରେ ମୂର୍ତ୍ତ, ତାଙ୍କୁ ବାଦ ଦେଇ ଯଦି ସେହି ନୀତିଗୁଡ଼ିକୁ ଅନୁସରଣ କରିବାକୁ ଯାଉଁ, ତାହାହେଲେ ସେହି ନୀତି ଗୁଡ଼ିକ ନାମରେ ବିଳମ୍ବ ମନଗଢ଼ା ଧାରଣାକୁ ହିଁ ଅନୁସରଣ କରିଚାଲିବୁ । ଏଥିରେ ଅଭିହିତ ବା ଖିଆଲ ହିଁ ଆମ୍ଭ ମାନଙ୍କ ପାଖରେ ଗୁରୁପନବାକ୍ୟ ହୋଇଉଠେ । ଏଥିରେ କନ୍ତୁ କିଛି ଲାଭ ହୁଏନାହିଁ । କିନ୍ତୁ ଗୁରୁଙ୍କ ପ୍ରତି ସକ୍ରିୟ ଅନୁରାଗ ଓ ତାଙ୍କର ପ୍ରେରଣା ଭିତରେ ଦେଇ କେନ୍ଦ୍ରାୟିତ ଆତ୍ମନିୟନ୍ତ୍ରଣ ଯେ କେତେ ପରିମାଣରେ ତୀବ୍ର ଗତି ସମ୍ପନ୍ନ ହୁଏ ତାହା ବର୍ଣ୍ଣନା କରିହୁଏ ନାହିଁ । ତୁମେ ଯଦି ତୁମର ମା'ଙ୍କୁ କୃପାର ତାଙ୍କର ନିର୍ଦ୍ଦେଶ ଅନୁଯାୟୀ ଚାଲ ଓ ତୁମର ମା ଯଦି ସେଥିରେ ସମ୍ମତି ପ୍ରଦାନ କରନ୍ତି ତାହାହେଲେ ସେହି ଚାଲିବାଟା ବହୁତ ସୁଖକର ଲାଗେ ।

ପ୍ରକୃତ ଦୀକ୍ଷାରେ ମଣିଷ ହିତରେ ଦକ୍ଷତାର ସଞ୍ଚାର ହୁଏ, ଅବଶ୍ୟ ଯଦି ଠିକ୍ ଠିକ୍ ଅନୁଯାୟୀ ଅନୁଶୀଳନ କରେ । କଳକୀ ଅବତାର ସଦ୍‌ଗୁରୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ଆମ୍ଭମାନଙ୍କ ଦେଶରେ ଧର୍ମ ନାମରେ ନକରି ପାନକାର ବୁଦ୍ଧିଟି ପ୍ରବଳ । କର୍ମ ବା ଅନୁଶୀଳନ ନକରି ଅଲୌକିକ ଭାବରେ ପ୍ରତ୍ୟାଶା ପୂରଣର ଧନ୍ଦା ରଖି ଯଦି ମଣିଷ ଦୀକ୍ଷା ନିଏ, ତାହାହେଲେ କିନ୍ତୁ କିଛି ହିଁ ହୁଏ ନାହିଁ । ସେଥିରେ ମଣିଷ ଆହୁରି ଅକର୍ମଣ୍ୟ ଓ ଅଳସୁଆ ହୋଇପଡ଼େ ।

ତାହାଛଡ଼ା ପ୍ରତ୍ୟାଶା ମାଧ୍ୟମରେ ଗୁରୁଙ୍କ ପାଖରୁ ଦୀକ୍ଷାନେଲେ ସେଥିରେ ପ୍ରତ୍ୟାଶା ହୁଏ ମୁଖ୍ୟ, ଗୁରୁ ବା ଇଷ୍ଟ ହୁଅନ୍ତି ଗୌଣ । ଗୁରୁ ଯଦି ଗୌଣ ହୁଅନ୍ତି, ତାଙ୍କୁ ଅନୁସରଣ କରିବାର ବୁଦ୍ଧି ହୁଏନାହିଁ । ତେଣୁ ମଣିଷର ବୁଦ୍ଧି ମଧ୍ୟ ହୁଏନାହିଁ । ଇଷ୍ଟଙ୍କର ଅନୁସରଣ ଓ ଅନୁପୂରତାକୁ ହିଁ ମୁଖ୍ୟ କରି ଧରିଲେ ମଙ୍ଗଳ ସୁନିଶ୍ଚିତ । କେହି କେହି ବ୍ୟକ୍ତି ଦୀକ୍ଷା ନନେଇ ଗୁରୁଙ୍କର ନୀତି ଗୁଡ଼ିକ କେବଳ ଅନୁସରଣ କରନ୍ତି ଓ ଗୁରୁଙ୍କୁ ମଧ୍ୟ ଭଲପାନ୍ତି । ତେଣୁ ଦୀକ୍ଷା ନେବାର ପ୍ରୟୋଜନ କ'ଣ ? ଏହି ପ୍ରସଙ୍ଗରେ ଯୁଗ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ ତୁମେ ଯେପରି ଭାବରେ ଯେଉଁ ଆଦର୍ଶରେ ଯେତେ ପରିମାଣରେ ସୁନିଷ୍ଠ ହେବ ସେତେ ପରିମାଣରେ ତୁମ ଭିତରେ ଅଗ୍ନି ଓ ଦୀପ୍ତି ସୃଷ୍ଟି ହେବ । ନିଷ୍ଠା ସହିତ ରହିଛି ଶିଷ୍ୟ ହେବା । ଶିଷ୍ୟ ହେବା ସହିତ ଶୃଙ୍ଖଳା ସ୍ୱତଃ ଆସିଯାଏ । ଶିଷତ୍ୱର ବୃଦ୍ଧି ନରହିଲେ ନିଜ ପସନ୍ଦ ବିରୋଧୀ ନିର୍ଦ୍ଦେଶ ମୁଣ୍ଡପାତି ମାନିନେବାକୁ ଇଚ୍ଛାହୁଏ ନାହିଁ, ବାଛି ବାଛି ନିଜର ପସନ୍ଦ ହେଉଥିବା ନିର୍ଦ୍ଦେଶଗୁଡ଼ିକୁ ପାଳନ କରିବାକୁ ଇଚ୍ଛାହୁଏ, ଗୁରୁଭକ୍ତି ଥିବା ସତ୍ତ୍ୱେ ମଧ୍ୟ ଯେଉଁଠାରେ ନିଜର ଚାହିଦା ଓ ପସନ୍ଦ ସହିତ ଦ୍ୱନ୍ଦ ଉପୁଜେ ସେଠାରେ ଅମାନ୍ୟ କରିବାର ବୁଦ୍ଧିଥାଏ । ସନ୍ତାନ ଭାବରେ ମଧ୍ୟ ଦମ୍ଭ ଥାଏ ଯଦି ସନ୍ତାନତ୍ୱ ସହିତ ଶିଷତ୍ୱ ନଥାଏ । ସ୍ୱାମୀ ବିବେକାନନ୍ଦ କହିଛନ୍ତି – ଦ୍ୱିଧା ଓ ସନ୍ଦେହର ଲେଶମାତ୍ର ନରଖି ଗୁରୁ ଆଜ୍ଞା ପାଳନ କରିବା ହିଁ ଆଧାତ୍ମିକ ଜୀବନରେ ସାଫଲ୍ୟତାର ଏକମାତ୍ର ପଥ । ଗିରିଦାର ଓ ସହଦାର, ତୁମେ ଯଦି ଆତ୍ମ ସମର୍ପଣ କର ଅନ୍ୟମାନେ ତୁମକୁ ମାନି ଚାଲିବା ପାଇଁ ପ୍ରେରଣା ପାଇବେ । ତାହା ନକରି କେବଳ ପଦକ୍ଷେପ ନେଲେ ସେହି ପଦକ୍ଷେପ ମାନି ଚାଲିବା ପାଇଁ ଆଗ୍ରହ ଅନ୍ୟ ଭିତରେ ସଞ୍ଚାରିତ ହେବନାହିଁ । ବାଧ୍ୟବାଧକତାରେ ଯଦି କେହି ମାନିଚାଲେ ତାହା ମଧ୍ୟ ତାପାଖରେ ବିରକ୍ତିକର ଖଟଣି ପରି ମନେ ହେବ । ଯେଉଁଳି ମୁହୂର୍ତ୍ତରେ ତୁମେ ନିଷ୍ଠା ସମ୍ପନ୍ନ ହେଲ ସେହି ମୁହୂର୍ତ୍ତରେ ଦମ୍ଭ ବା ଅହଂକାର ତୁମ ପାଖରୁ ବିଦାୟ ନେବ । ସେତେବେଳେ ଆସିବ ମୂର୍ତ୍ତ ଆଦର୍ଶଙ୍କ ପାଇଁ ଗୌରବବୋଧ । ଏହାକୁ କୁହନ୍ତି ଅଭିଜାତ୍ୟ ଓ ଅଭିଜାତ୍ୟର ନିଦର୍ଶନ ହେଲା ଉନ୍ନତ ଆଚରଣ ଓ ଏହି ଆଭିଜାତ୍ୟ ହିଁ ଜୀବନର ନିର୍ଯ୍ୟାସ । ଜନୈକ ଭକ୍ତ ପ୍ରଶ୍ନ କଲେ ଯଦି ଜଣେ ସଦ୍‌ଗୁରୁ ଲାଭ କରିନଥାଏ କିନ୍ତୁ ଆକୁଳ ଆଗ୍ରହରେ ଭଗବାନକୁ ଡାକେ ଓ ଭଗବାନଙ୍କ ପଥରେ ଚାଲେ ସେ କ'ଣ ଜୀବନରେ ଅନୁଗ୍ରହ ପାଇପାରିବ ନାହିଁ ? ଏହି ପ୍ରସଙ୍ଗରେ କଲ୍‌କୀ ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଈଷତ୍ ହସି କହଲେ – ଧ୍ରୁବ ପଦ୍ମପଳାସ-ମୋଚନଙ୍କ ପାଇଁ ପାଗଳ ହୋଇଯାଇଥିଲେ । ଦିନରାତି ତାଙ୍କୁ ବ୍ୟାକୁଳ ହୋଇ ଡାକନ୍ତି । ତାଙ୍କର ସେହି ଡାକ ଶୁଣି ପଦ୍ମ-ପଳାଶ-ମୋଚନଙ୍କର ସିଂହାସନ ଟଳମଳ ହୋଇଗଲା । ସେ ସେତେବେଳେ ନାରଦଙ୍କୁ ଡାକି କହିଲେ – ନାରଦ ! ତୁମେ ଧ୍ରୁବଙ୍କୁ ଦୀକ୍ଷା ଦିଅ ତା'ନହେଲେ ତ ମୁଁ ଦେଖା ଦେଇପାରୁନାହିଁ । ସେତେବେଳେ ନାରଦ ଆସି ଦୀକ୍ଷା ଦେଲେ, ତାପରେ ପଦ୍ମ-ପଳାଶ-ମୋଚନ ଆବିର୍ଭୂତ ହେଲେ । ଶ୍ରୀ ଶ୍ରୀ ଠାକୁର ନିଷ୍ଚୟାତ୍ମନ....... କହିଲେ – ପରମପିତାଙ୍କୁ କେହି ଯଦି ଆନ୍ତରିକ ଭାବରେ ଚାହେଁ ଓ ଖୋଜାଖୋଜି କରେ ତାହାହେଲେ ପରମପିତାଙ୍କ ଦୟାରେ ତାର ଯୋଗଯୋଗ ମଧ୍ୟ ହୋଇଯାଏ । ପାଇବାକୁ ହେଲେ କରିବାକୁ ହେବ । କରି ହୁଅ ଓ ହୋଇ ପାଅ ।ପୁନର୍ବାର ଶ୍ରୀ ଶ୍ରୀ ଠାକୁର ଭାବାବେଗରେ ପ୍ରକାଶକଲେ – ମଣିଷ ଜୀବନର ଅସଲ ଚାହିଦା ହେଲା ସଦ୍‌ଗୁରୁଙ୍କ ପାଖରୁ ଦୀକ୍ଷା ନେଇ ତାଙ୍କ ପ୍ରତି ଅଚ୍ୟୁତ ଅନୁରାଗ ନେଇ ଚାଲିବା । ସଦ୍‌ଗୁରୁଙ୍କର ଦୀକ୍ଷା ନେବା ପାଇଁ ଯେଉଁମାନଙ୍କର ଆପତ୍ତି ଥାଏ ସେମାନଙ୍କ ପ୍ରବୃତ୍ତିର ଅନୁଚରର ହୁଅନ୍ତି । ବିବାହିତ ସ୍ତ୍ରୀ ଓ ରକ୍ଷିତା ମଧ୍ୟରେ ଯେତିକି ଫରକ ଜଣେ ଦୀକ୍ଷିତ ଓ ଯୁଗଗ୍ରାହୀ ମଧ୍ୟରେ ମଧ୍ୟ ସେତିକି ଫରକ । ହିନ୍ଦୁମାନେ ଦୀକ୍ଷାକୁ ଜୀବନର ଅମୃତ ବୋଲି ମନେ କରନ୍ତି । କଥା ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର କହିଲେ – ମନେରଖ – ଅଚାର୍ଯ୍ୟଙ୍କ ପାଖରେ ନିଷ୍ଠା ନିପୁଣ ଅନୁରାଗ ରହିଲେ ପ୍ରୀତି-ପଚ୍ଛଳ ସମ୍ବେଦନା ନେଇ ଦୀକ୍ଷା ମନୁଷ୍ୟଙ୍କୁ ଦକ୍ଷ କରିତୋଳେ । ଧୃତି ଓ କୃତି ଦୁଇଟି ହିଁ ଦୀପ୍ତ ହୋଇଉଠେ । ଏହା ସହିତ ମନୁଷ୍ୟର ସଂହତି ଓ ଦକ୍ଷତା ମଧ୍ୟ ବଢ଼ିଯାଏ । ସଦ୍‌ଗୁରୁ ନିର୍ଦ୍ଦେଶିତ ଦୀକ୍ଷା ହେଉଛି ଯନ୍ତ୍ର କାଳ ବିଚାରଣା । କଥା ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ ପ୍ରାଣ ଶକ୍ତିର ଏକ ଅଖଣ୍ଡତା ରହିଛି ଯଦିଓ ତାହା ଶରୀରର ବିଭିନ୍ନ ଅଂଶ ଓ ଅଙ୍ଗ ପ୍ରତ୍ୟଙ୍ଗ ଭିତର ଦେଇ ନାନା ଭାବରେ କ୍ରିୟାକର, ପାଣଶକ୍ତିର ଏହି ଅଖଣ୍ଡତା ବାଦ ଦେଇ ଜୀବନ ଯେପରି ଜୀବନ୍ତ ନଥାଏ, ସେହିପରି ଏକକେନ୍ଦ୍ରିକତା ବାଦ ଦେଇ ସଙ୍ଗତିପୂର୍ଣ୍ଣ ଜୀବନ୍ତ ଜୀବନଦର୍ଶନ ଗଢ଼ି ଉଠିପାରେନାହିଁ । ପୁଣି ଯାହାଙ୍କୁ କେନ୍ଦ୍ର ଚାଲିବେ ସେ ସମାଧାନ ପ୍ରାପ୍ତ ଓ ସଂହତ ମନୁଷ୍ୟ ହେବା ଆବଶ୍ୟକ । ତାକୁ ହିଁ ଆମ୍ଭେମାନେ କହୁଁ ଗୁରୁ ବା ଇଷ୍ଟ ବା ଆଚାର୍ଯ୍ୟ । ତେଣୁ ଗୁରୁଗ୍ରହଣ ବା ଇଷ୍ଟ ଗ୍ରହଣ ଆମ୍ଭମାନଙ୍କ ଜୀବନରେ ଅପରିହାର୍ଯ୍ୟ ।

*ଦେର୍ହୁଣ୍ଡା, ସୁଲତାନପୁର, ଭୋଗରାଇ, ବାଲେଶ୍ୱର, ଦୂରଭାଷ : ୯୪୩୮୩୬୯୫୯୯*

# ଅଧାରୁ ପାଠଛାଡ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଏଥିରେ କେହି ଦ୍ୱିମତ ହେବେ ନାହିଁ ଯେ, କାର୍ଯ୍ୟକାରୀତା କରିବା ତୁଳନାରେ ଅଧିକାର ସାବ୍ୟସ୍ତ ସଂକ୍ରାନ୍ତୀୟ ଆଇନ ପ୍ରଣୟନ କରିବା ଅତ୍ୟନ୍ତ ସହଜ । ଆମ ଦେଶରେ ୬ରୁ ୧୪ବର୍ଷ ମଧ୍ୟରେ ମାଗଣା ଓ ସାର୍ବଜନୀନ ଶିକ୍ଷାକୁ ବାଧତାମୂଳକ କରିବା ପାଇଁ ଶିକ୍ଷା ଅଧିକାର(ରାଇଟ୍ ଟୁ ଏଜୁକେଶନ) ଆଇନ ପ୍ରଣୟନ ହୋଇଛି । ମାତ୍ର ଏହା ବର୍ତ୍ତମାନ ସୁଦ୍ଧା ସଫଳ ଭାବେ କାର୍ଯ୍ୟକାରୀ ହୋଇନଥିବା କୁହାଯାଇପାରେ । ୬ରୁ ୧୪ବର୍ଷ ମଧ୍ୟରେ ପିଲାଙ୍କୁ ଶିକ୍ଷା ପ୍ରତି ଆଗ୍ରହ ବଢାଇବା ପାଇଁ ସରକାର ମାଗଣା ମଧ୍ୟାହ୍ନ ଭୋଜନ ସହ ମାଗଣାରେ ସ୍କୁଲ ୟୁନିଫର୍ମ, ବହିପତ୍ର ଯୋଗାଇ ଦେଇଥିବା ସତ୍ତ୍ୱେ ସମସ୍ତଙ୍କୁ ଶିକ୍ଷା ବର୍ତ୍ତମାନ ସୁଦ୍ଧା ସଫଳ ହୋଇପାରିନାହିଁ । ଏହାର ଜ୍ୱଳନ୍ତ ଉଦାହରଣ ୨୦୨୪-୨୫ ଶିକ୍ଷାବର୍ଷକୁ ଗ୍ରହଣ କରାଯାଇପାରେ । ୨୦୨୪-୨୫ ଶିକ୍ଷାବର୍ଷର ପ୍ରଥମ ଆଠ ମାସରେ ୧.୧୭ ନିୟୁତ ପିଲା ସ୍କୁଲବାହାରେ ଥିବା ସରକାରୀ ତଥ୍ୟ କହେ । ପିଲାଙ୍କୁ ପାଠପଢା ପାଇଁ ଆଗ୍ରହ ସୃଷ୍ଟି କରିବା ସକାଶେ ବହୁ ଯୋଜନା ଓ ନୀତି ସତ୍ତ୍ୱେ ଭାରତର ଶିକ୍ଷା ବ୍ୟବସ୍ଥାରେ ସ୍କୁଲ ବାହାରେ ପିଲା ରହିବା ବା ସ୍କୁଲ ନଯିବା ଏବେ ବଡ ଏକ ଅବାଧ ପ୍ରସଙ୍ଗ ହୋଇରହିଛି ବୋଲି କୁହାଯାଇପାରିବ । ଏହା ନିସନ୍ଦେହ ଯେ, ଦେଶରେ ଜନସଂଖ୍ୟା ଓ ବିଶାଳ ସଂଖ୍ୟକ ପିଲାଙ୍କ ସଂଖ୍ୟା ଦୃଷ୍ଟିରୁ ବହୁ ପିଲା ସ୍କୁଲ ବାହାରେ ରହିଯିବା ଅସ୍ୱାଭାବିକ ନୁହେଁ । ଚଳିତ ବର୍ଷ ଉତରପ୍ରଦେଶରେ ସ୍କୁଲ ବାହାରେ ୭,୮୪,୨୨୮ ପିଲା ରହିଯାଇଥିବାବେଳେ ଝାଡଖଣ୍ଡ ଓ ଆସାମରେ ୬୦ହଜାରରୁ ଉର୍ଦ୍ଧ୍ୱ ଲେଖାଏଁ ପିଲା ସ୍କୁଲ ବାରଣ୍ଡା ମାଡି ନଥିବା ସରକାରୀ ପରିସଂଖ୍ୟାନରୁ ଜଣାଯାଏ । ଯେଉଁମାନେ ସ୍କୁଲ ବାହାରେ ରହିଯାଇଛନ୍ତି, ପିଲାମାନଙ୍କ ପାଇଁ ଏହି ସଂଖ୍ୟା ଏକ ସତର୍କ ଘଂଟି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ପିଲାମାନେ କେବଳ ଶିକ୍ଷାରୁ ବଂଚିତ ହେଉନାହାଁନ୍ତି । ସେମାନେ ସେମାନଙ୍କର ପ୍ରତିଭା ବିକାଶ ତଥା ରୋଜଗାର (ଉପାର୍ଜନ) କରିବାର ଦକ୍ଷତା ହରାଉଛନ୍ତି ବୋଲି କୁହାଯାଇପାରେ । ଏହା ସେମାନଙ୍କ ଦାରିଦ୍ର୍ୟ ଏବଂ ସାମାଜିକ ଦକ୍ଷତା ଅଭାବକୁ ଚିରସ୍ଥାୟୀ କରିବା ଆଶଙ୍କାକୁ ଏଡାଇ ଦେଇ ହେବ ନାହିଁ । ସୂଚନାଯୋଗ୍ୟ ଯେ, ଜାତୀୟ ସାମ୍ପଲ ସର୍ଭେ (ଏନଏସଏସ) ରିପୋର୍ଟରେ କୁହାଯାଇଛି ଯେ, ୨୦୧୭-୧୮ ଶିକ୍ଷା ବର୍ଷରେ ୧୨.୪ ପ୍ରତିଶତ ପିଲା ସ୍କୁଲ ବାହାରେ ରହିଥିଲେ । ପରୀକ୍ଷାରେ ଉତମ ଫଳ ପ୍ରଦର୍ଶନ ସତ୍ତ୍ୱେ ବାଳକଙ୍କ ତୁଳନାରେ ବହୁସଂଖ୍ୟାକ ବାଳିକା ଅଧାରୁ ପାଠଛାଡି ଦେଇଥିବା ଜଣାଯାଏ । ଏହି ବାଳିକାମାନେ ସାଧାରଣତଃ ଦଳିତ ଏବଂ ପଛୁଆ ବର୍ଗ । ଉଚ୍ଚବର୍ଗ ତଥା ଆର୍ଥିକ ଦୃଷ୍ଟିରୁ ଅବଳ ଏବଂ ସହର ତୁଳନାରେ ଗ୍ରାମାଂଚଳରେ ବାଳକମାନଙ୍କ ତୁଳନାରେ ବାଳିକା ଅଧାରୁ ପାଠ ଛାଡୁଥିବା ଏକ ଅନୁଧ୍ୟାନ ରପୋର୍ଟରୁ ଜଣାଯାଇଛି । ଆହୁରି ମଧ୍ୟ ଆଦିବାସୀ ପରିବାରର ଝିଅ ସ୍କୁଲ ବାରଣ୍ଡା ମାଡୁ ନଥିବା ବେଳେ ଦକ୍ଷିଣାଂଚଳ ତୁଳନାର ଉତର ଏବଂ ପଶ୍ଚିମାଂଚଳରେ ବାଳିକାମାନଙ୍କ ସଂଖ୍ୟା ସର୍ବାଧିକ ରହିଛି । ସେହିପରି ଦାରଦ୍ର୍ୟସୀମା ରେଖା ତଳେ ଥିବା ଗରିବ ପରିବାରର ପିଲାମାନେ ରୋଜଗାର ଏବଂ ଘରୋଇ କାର୍ଯ୍ୟରେ ସହାୟତା ପାଇଁ ଅଧାରୁ ପାଠପଢା ଛାଡୁଛନ୍ତି । ବିଶେଷ କରି ଘରୋଇ କାର୍ଯ୍ୟ, କୃଷି ଏବଂ ଉତ୍ପାଦନଭିତିକି କାର୍ଯ୍ୟରେ ବାଳିକାମାନେ ନିଜକୁ ନିୟୋଜିତ କରିଥାନ୍ତି । ଆହୁରି ମଧ୍ୟ ବାଳିକାମାନଙ୍କୁ କମ ବୟସରୁ ବିବାହ କରି ଦିଆଯାଇଥିଏ କିମ୍ବା ସେମାନଙ୍କୁ ଘର ମଧ୍ୟରେ ରଖାଯାଇଥାଏ । ଏହାର କାରଣ ସ୍କୁଲ ବହୁଦୂରରେ ରହିଥିବା ଏବଂ ସ୍କୁଲରେ ଉପଯୁକ୍ତ ପରିମଳ ବ୍ୟବସ୍ଥା ନଥିବାରୁ ସେମାନଙ୍କୁ ଘରେ ରହିବାକୁ ଅଭିଭାବକ ବାଧ୍ୟ କରିଥାନ୍ତି । ଏହା ସତ୍ୟ ଯେ, ସ୍ୱାଧୀନତାର ୭୫ବର୍ଷ ବି ଆମ ଦେଶର ପ୍ରାଥମିକ ହେଉ ବା ଉଚ୍ଚ ମାଧ୍ୟମିକ ହେଉ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶୌଚାଳୟ କିମ୍ବା ପାଣିର ବ୍ୟବସ୍ଥା ନାହିଁ । କିନ୍ତୁ ଏହା ନିସନ୍ଦେହ ଯେ, ପାଠପଢା ପ୍ରତି ଆଗ୍ରହ ନଥିବା କିମ୍ବା ଦାରିଦ୍ର୍ୟ କିମ୍ବା ନିଜର ଅନୁନ୍ନତ ଅବସ୍ଥା ଯୋଗୁଁ ବହୁ ସଂଖ୍ୟାକ ପିଲା ଅଧାରୁ ପାଠରେ ଡୋରି ବାନ୍ଧୁଛନ୍ତି ସେହିପରି ବାଳିକାମାନଙ୍କର ନିରାପତା ଏବଂ ସେମାନଙ୍କ ପାଇଁ ଉନ୍ନତମାନର ଗ୍ରହଣଯୋଗ୍ୟ ଭିତିଭୂମିର ଅଭାବ ଅଧାରୁ ପାଠ ଛାଡିବାର ଆଉ ଏକ ମୁଖ୍ୟକାରଣ ଭାବେ ଉଭା ହୋଇଛି । ସେହିପରି ଛୋଟ ପିଲାଙ୍କୁ କାମରୁ ନିବୃତ କରାଇବା ଏବଂ ସେମାନଙ୍କ ମୌଳିକ ଶିକ୍ଷା ଉପରେ ଅଭିଭାବକଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି । ମନୋଭାବ ଅଭିଭାବକଙ୍କ ମନରୁ ଦୂର ପାଇଁ ସରକାରୀ ସ୍ତରରେ ଉଦ୍ୟମ ହେବା ଜରୁରୀ । କେବଳ ଏତିକି ନୁହେଁ, ଶିଶୁ ଶ୍ରମିକ, ବାଲ୍ୟ ବିବାହ ନିଷେଧ ଏବଂ ସମସ୍ତଙ୍କୁ ଶିକ୍ଷା ଅଧିକାର ପାଇଁ ରହିଥିବା ଆଇନ ପାଠପଢା ବନ୍ଦ ପାଇଁ ଅଭିଭାବକମାନଙ୍କୁ ନିବୃତ କରାଇବାରେ ଯଥେଷ୍ଟ ନୁହେଁ ବୋଲି ସ୍ୱୀକାର କରିବାକୁ ହେବ । ଏଥିରୁ ଆମ ରାଜ୍ୟ ମଧ୍ୟ ବାଦ ପଡିନାହିଁ । ଅଧାରୁ ପାଠ ଛାଡିବା ଆମ ରାଜ୍ୟରେ ଆଶାତୀତ ଭାବେ ବଢିଚାଲିଛି । ମାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଅଧିକ ପିଲା ପାସ୍ କରୁଥିବାବେଳେ କଲେଜ ଓ ବୈଷୟିକ ଶିକ୍ଷାନୁଷ୍ଠାନ ଗୁଡିକରେ ହଜାର ହଜାର ସିଟ୍ ଖାଲିପଡିବା ଏହାର ଜ୍ୱଳନ୍ତ ଉଦାହରଣ । କେବଳ ଏତକି ନୁହେଁ ପ୍ରଥମରୁ ଦଶମ ମଧ୍ୟରେ ହଜାର ହଜାର ପିଲା ଅଧାରୁ ପାଠ ଛାଡୁଛନ୍ତି । ସାମ୍ପ୍ରତିକ ସମୟରେ ଶିକ୍ଷା ଜୀବନର ମୂଳଆଧାର ହୋଇଥିବାବେଳେ ଏଭଳି ସମସ୍ୟା ଯଥାର୍ଥ ସମାଧାନ ଲାଗି ସରକାରୀ, ଅଭିଭାବକ ଚିନ୍ତା କରିବାର ସମୟ ଆସିଛି ।

*ସମ୍ମାନ ଭବନ, ଫ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ*

# ରିଲିଫ କୋଡ଼ ବଦଳରେ ଏଣିକି ଅଧିକାର ଆଇନ


ବାଦଲ ଭୂୟାଁ

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆସିବା ପରେ ସୁଶାସନ ତ୍ୱରାନ୍ୱିତ ହୋଇଛି । ବିଶେଷକରି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ରାଜସ୍ୱ କ୍ଷେତ୍ରକୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ଗୁରୁତ୍ୱ ପ୍ରଦାନ କରିଛନ୍ତି । ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାବେଳେ ବର୍ଷ ତମାମ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଲାଗି ରହିଥାଏ । କହିବାକୁଗଲେ ବନ୍ୟା, ବାତ୍ୟା, ମରୁଡ଼ି ହେଉଛି ଓଡ଼ିଶାର ଚିର ସହଚର । ତେବେ ଓଡ଼ିଶାର ନୂତନ ସରକାର ହୃଦୟଙ୍ଗମ କରିଛନ୍ତି ଯେ ରିଲିଫ କୋଡ଼ ପ୍ରସଙ୍ଗରେ ସଂଶୋଧନର ଆବଶ୍ୟକତା ରହିଛି । ସୂଚନାଥାଉକି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କ୍ଷତିଗ୍ରସ୍ତ ଲୋକମାନଙ୍କୁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ସହାୟତାକୁ ରିଲିଫ କୋଡ଼ ନାମରେ ବିବେଚନା କରାଯାଉଥିଲା । ରିଲିଫ କୋଡ଼ ଅର୍ଥାତ୍ ଏହା ଏକ ଦାୟୀ ବୋଲି ବ୍ରିଟିଶ ଶାସନ ସମୟରୁ ବିଚାର କରାଯାଉଥିଲା । ବ୍ରିଟିଶ ସରକାରଙ୍କ ଏହି ପରମ୍ପରାକୁ ହଟାଇ ରିଲିଫ କୋଡ଼ ପରିବର୍ତ୍ତେ ଏଣିକି ଏହାର ନାମ ଅଧିକାର ଆଇନ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କରିଛନ୍ତି । ଗୁରୁବାର ଦିନ ଲୋକସେବା ଭବନରେ ରାଜସ୍ୱ ବିଭାଗର ସମୀକ୍ଷା ବୈଠକ ପରେ ମନ୍ତ୍ରୀ ବିଭିନ୍ନ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ଏହା କହିଛନ୍ତି । ରାଜସ୍ୱ ସେବାର କାର୍ଯ୍ୟ କେତେ ଠିକ୍ ଭାବରେ ଗରିବ ଲୋକଙ୍କ ପାଖରେ ପହଞ୍ଚୁଛି ତାହା ଉପରେ ଅଧିକ ଗୁରୁତ୍ୱ ଦିଆଯିବ । ଆଗାମୀ ଡିସେମ୍ବର ଏକତିରିଶ ସୁଦ୍ଧା ସମସ୍ତ ଶିକ୍ଷାନୁଷ୍ଠାନକୁ ଜମି ପଟ୍ଟା ପ୍ରଦାନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି । ରାଜସ୍ୱ ମନ୍ତ୍ରୀ କହିଛନ୍ତି, ଆମ ପାଇଁ ରିଲିଫ ହେଉଛି ଏକ ଦୟାଦ ଶବ୍ଦ । ଏଣିକି ଆଉ ଦୟା ନୁହେଁ । ଏହାକୁ ଲୋକଙ୍କ ଅଧିକାର ଆଇନ ଭାବେ ବିବେଚନା କରିବାକୁ ସରକାର ବିଧିବଦ୍ଧ ନିଷ୍ପତ୍ତି ନେଇଛନ୍ତି । ଲୋକଙ୍କୁ ସେବା ଯୋଗାଇଲା ବେଳେ କୌଣସି କର୍ମଚାରୀ କିମ୍ବା ଅଧିକାରୀ କିଛି ବାହାନା ନେଇ ପାରିବେ ନାହିଁ । ବାସସ୍ଥାନ, ଆୟ ପ୍ରମାଣପତ୍ର ଓ ଅନ୍ୟାନ୍ୟ ରାଜସ୍ୱ ବିଭାଗୀୟ ସେବା ଗୁଡ଼ିକ ଯେପରି ତ୍ୱରିତ ସମୟରେ ଲୋକଙ୍କୁ ମିଳିପାରିବ ସେଥିନେଇ ବୈଠକରେ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆସରିଚି । ରାଜ୍ୟରେ ଥିବା ସମସ୍ତ ବିଦ୍ୟାଳୟଗୁଡ଼ିକୁ ଜମି ପଟ୍ଟା ଯୋଗାଇ ଦେବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କ ଘରଡିହ ନଥିଲେ ସେମାନଙ୍କୁ ଜମି ପଟ୍ଟା ତୁରନ୍ତ ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଜସ୍ୱ ବିଭାଗରେ ପଡ଼ି ରହିଥିବା ବର୍ଷ ବର୍ଷର ମାମଲା ଗୁଡ଼ିକ ଶୀଘ୍ର ଫଇସଲା କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଭାରତ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ଜାନୁଆରୀ ୧ ତାରିଖରୁ ଓଡ଼ିଶାରେ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ କରାଯିବ । ରାଜ୍ୟର ଜନସଂଖ୍ୟାର ସଠିକ ଜନଗଣନା ପାଇଁ ବିଭାଗୀୟ ଅଧିକାରୀମାନେ ମିଳିତ ଭାବେ କାର୍ଯ୍ୟ କରିବାକୁ ବିଠକରେ ନିର୍ଦ୍ଦେଶ ଦିଆଯାଇଥିବା ରାଜସ୍ୱ ମନ୍ତ୍ରୀ କହିଛନ୍ତି । ଓଡ଼ିଶା କୃଷି କ୍ଷେତ୍ରରେ ବେଶ ଅଗ୍ରଗତି କରି ଅନେକ କୃଷି କର୍ମଣ ଶ୍ରେଷ୍ଠ ପୁରସ୍କାର କେନ୍ଦ୍ର ସରକାରଙ୍କ ଠାରୁ ପାଇଛି । ବିକଶିତ ଓଡ଼ିଶାରେ କୃଷି ଓ ରାଜସ୍ୱର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାବେଳେ ଅନେକ ଗରିବ ଭୂମିହୀନ ଏଯାବତ୍ ନାନାବିଧ ଅସୁବିଧା ସାମ୍ନା କରୁଛନ୍ତି । ତେଣୁ ଲୋକପ୍ରିୟ ସରକାରଙ୍କ ଏହି ଭୂମିହୀନ ଲୋକମାନଙ୍କୁ ସରକାରୀ ସେବା ତ୍ୱରିତ ଯୋଗାଣ ନିଷ୍ପତ୍ତି ଦ୍ୱାରା ଅନେକ ଲାଭବାନ ହୋଇପାରିବେ ।

*୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର*

# ପଲ୍ଲୀ କବି ନନ୍ଦକିଶୋର କବିତାରେ ପଲ୍ଲୀ ପ୍ରାଣତା


ଯଶସ୍ୱିନୀ ପଟ୍ଟନାୟକ

ପଲ୍ଲୀକବି ଭାବେ ପ୍ରସିଦ୍ଧ ନନ୍ଦକିଶୋର ବଳଙ୍କୁ ଏହି ଉପାଧି କେହି ଦେହିନାହିଁ; ଅଥଚ ଏହା ସମସ୍ତଙ୍କ ଦ୍ୱାରା ପ୍ରଦତ୍ତ । କାରଣ, ତାଙ୍କ କବିତାରେ ଅଛି ପଲ୍ଲୀ ପ୍ରାଣତା । ନନ୍ଦକିଶୋର ହିଁ ପ୍ରଥମେ ପଲ୍ଲୀ ଜୀବନକୁ ତାଙ୍କ ସାରସ୍ୱତ ସୃଷ୍ଟିର ମୁଖ୍ୟ ଉପଜୀବ୍ୟ ଭାବେ ଗ୍ରହଣ କରିଥିଲେ । ତାଙ୍କ କବିତାଗୁଡ଼ିକର ମୂଲ୍ୟାୟନ କରି ବ୍ୟାସ କବି ଫକୀରମୋହନ ଲେଖିଥିଲେ 'ପଢ଼ିଗଲି ବେଗେ ପଲ୍ଲୀ ପ୍ରସଙ୍ଗ ବାରତା; କେହି କେବେ କହିନାହିଁ ଏ ପ୍ରକାର କଥା ।' ଫକୀରମୋହନଙ୍କ ସହ ତାଙ୍କର ବ୍ୟକ୍ତିଗତ ସ୍ତରର ବନ୍ଧୁତା ଥିଲା । ବାଲେଶ୍ୱରରେ ନନ୍ଦକିଶୋର ଚାକିରି କରୁଥିବା ବେଳେ ଫକୀରମୋହନ କର୍ମମୟ ଜୀବନରୁ ଅବସର ନେଇ, ସେଠାରେ ବାସ କରୁଥିଲେ । ଦୁହେଁ ଏକତ୍ର ସାହିତ୍ୟ ଆଲୋଚନାକୁ ଅଧିକ ସମୟ ଦେଉଥିଲେ । ନନ୍ଦକିଶୋର ବର୍ଣ୍ଣିତ ଏକ ବାସ୍ତବ ଘଟନା ଉପରେ ଫକୀରମୋହନ ରଚନା କରିଥିଲେ ମାମୁ । ନନ୍ଦକିଶୋରଙ୍କ ମୂଳ ନାମ ରସାନନ୍ଦ ଜେନା । ପୋଷ୍ୟପୁତ୍ର ହେବା ପରେ ନନ୍ଦକିଶୋର ବଳ ଭାବେ ପରିଚିତ ହୋଇଥିଲେ । ତାଙ୍କର ବିଦ୍ୟାଳୟ ଛାତ୍ର ଜୀବନ କଟକ ଓ କେନ୍ଦ୍ରାପଡ଼ାରେ କଟିଥିଲା । ଏକାଧିକ ସ୍କୁଲରେ ପଢ଼ିବା ପରେ ସେ ରେଭେନ୍ସା ମହାବିଦ୍ୟାଳୟରେ ଭର୍ତ୍ତି ହୋଇଥିଲେ । ଏହି ସମୟରେ ସେ ସାହିତ୍ୟ ସୃଷ୍ଟି ପାଇଁ ଆଗ୍ରହୀ ହୋଇଥିଲେ । ସେତେବେଳେ ସାହିତ୍ୟ ଚର୍ଚ୍ଚା ନିମନ୍ତେ କଟକ ଆଲୋଚନା ସଭା ନାମକ ଅନୁଷ୍ଠାନଟିଏ ସକ୍ରିୟ ଥାଏ । ଏହି ଅନୁଷ୍ଠାନ ସହ ସଂପୃକ୍ତ ହେବା ପରେ ନନ୍ଦକିଶୋରଙ୍କ ସାରସ୍ୱତ ଜୀବନ ପରିପୁଷ୍ଟ ହୋଇଥିଲା । ଏଠାରେ ହିଁ ସେ କବି ବର ରାଧାନାଥ, ଭକ୍ତକବି ମଧୁସୂଦନ ଆଦିଙ୍କ ସଂସ୍ପର୍ଶରେ ଆସିଥିଲେ । ୧୮୯୮ରେ ପ୍ରକାଶିତ ପଲ୍ଲୀଚିତ୍ର ତାଙ୍କର ପ୍ରଥମ କାବ୍ୟ ଗ୍ରନ୍ଥ । ତାହାପରେ ପ୍ରକାଶିତ ହୋଇଥିଲା ନିର୍ଝରିଣୀ, ପଲ୍ଲୀଚିତ୍ର-୨, ବସନ୍ତ କୋକିଳ, ଚାରୁଚିତ୍ର, ତରଙ୍ଗିଣୀ, ଜନ୍ମଭୂମି, ଆଦି । ଓଡ଼ିଆ ସାହିତ୍ୟକୁ ନନ୍ଦକିଶୋରଙ୍କର ଆଉ ଏକ ପ୍ରମୁଖ ଅବଦାନ ହେଉଛି ଶିଶୁ କବିତା । ନାନାବାୟାଗୀତର ପ୍ରଥମ ଓ ଦ୍ୱିତୀୟ ଭାଗରେ ତାଙ୍କର ଶିଶୁ କବିତାଗୁଡ଼ିକ ସଂକଳିତ । ୧୯୨୫ରେ ପ୍ରକାଶ ପାଇଥିଲା, ତାଙ୍କ ଲିଖିତ ଏକମାତ୍ର ଉପନ୍ୟାସ କନକଲତା । ୧୮୭୫ ଡିସେମ୍ବର ଆଜିର ଦିନରେ ମାହାଙ୍ଗା ଅନ୍ତର୍ଗତ କୁସୁପୁର ଗ୍ରାମରେ ଜନ୍ମ ହୋଇଥିଲେ ପଲ୍ଲୀକବି ନନ୍ଦକିଶୋର । ପଲ୍ଲୀପ୍ରାଣ ନନ୍ଦକିଶୋରଙ୍କୁ ଜନ୍ମ ଦିନ ଅବସରରେ ତାଙ୍କରି ଏକ ବିଲକ୍ଷଣ ଧାଡ଼ି ଉଲ୍ଲେଖ କରୁଛୁ – 'ଆଜି କଥା କାଲି ଅନ୍ତରତ ପୁଣି, ମୁହୂର୍ତ୍ତେ ମୁହୂର୍ତ୍ତେ ଭେଦ । ନଶ୍ୱର ବିଶ୍ୱର ଏ ଅସ୍ଥିର ଭାବ, ମନେ ଦିଏ ଘୋର ଖେଦ ।'

*ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ*




# ସନ୍ଥକବି ଭୀମଭୋଇ



ଏକ ସମୟରେ ମହିମା ବା ଅଲେଖ ଧର୍ମ ଓଡ଼ିଆ ସାହିତ୍ୟ ଓ ଧାର୍ମିକ ସାମାଜିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିଲା। ସମାଜରେ ପ୍ରଚଳିତ ଜାତିଭେଦ, ପ୍ରତିମା ପୂଜା, ତେତିଶ କୋଟି ଦେବାଦେବୀଙ୍କ କଳ୍ପନା ଆରାଧନା ଓ ବାହ୍ୟ ଆଡ଼ମ୍ବରକୁ ଏହା ପ୍ରତ୍ୟାଖ୍ୟାନ କରିଥିଲା। ଏହି ଧର୍ମର ଅନ୍ୟତମ ମୁଖ୍ୟ ପୁରୋଧା ଥିଲେ ଗୃହୀ ଶିଷ୍ୟ ଭୀମ ଭୋଇ। ତାଙ୍କ ଅନୁଗାମୀମାନେ, ତାଙ୍କୁ ଅଯୋନିସଂଭୂତ ଭାବେ ଗ୍ରହଣ କରିଛନ୍ତି। ସେମାନଙ୍କ ଦୃଷ୍ଟିରେ ସେ ଭଗବାନଙ୍କ ଅବତାର ଏବଂ ଅଲେଖ ପୁତ୍ର। ସ୍ୱରଚିତ ସ୍ତୁତି ଚିନ୍ତାମଣିରେ ମଧ୍ୟ ସେ ଏହାର ସୂଚନା ଦେଇଛନ୍ତି ପିତା ଅଟନ୍ତି ମୋ ଅନାଦି ଠାକୁର, ମାତା ଆଦିଶକ୍ତି ନାରୀ, ଦୂତୀ ଯୁଗଳରୁ ଜନମ ଲଭିଛି, କବିକୃତ କଳା ଧରି। ପଞ୍ଚସଖା ଯୁଗର ପରମ ସାଧକ ଅଚ୍ୟୁତାନନ୍ଦ ଦାସ, ତାଙ୍କର ସଂହିତାମାନଙ୍କରେ ଲେଖିଛନ୍ତି, ରାଧା ମାନବ ରୂପ ଧାରଣ କରି କନ୍ଧ ଗୃହରେ ଜନ୍ମ ହେବେ। ଭୀମ ଭୋଇ ନିଜ ଇଚ୍ଛା ଅନୁସାରେ ନାରୀ ରୂପ ଧାରଣ କରିପାରୁଥିଲେ। ଏହା ଅଧ୍ୟାପକ ଶତ୍ରୁଘ୍ନ ନାଥଙ୍କ ସନ୍ଥକବି ଭୀମ ଭୋଇ ପୁସ୍ତକରେ ଉଲ୍ଲେଖିତ। ଥରେ ବାବା ଗଙ୍ଗାଧର ଦାସଙ୍କୁ ଜଙ୍ଗଲରେ ସେ ନାରୀ ରୂପ ଦେଖାଇଥିଲେ। ଅନାଦି ସଂହିତାରେ ଅଚ୍ୟୁତାନନ୍ଦ ଲେଖିଛନ୍ତି 'ଶୁଣଗୋ ସିଦ୍ଧଙ୍କ ବନିତା, ସେ ଭୀମସେନର କଥା। ପୂର୍ବେ ସେ ମହାଶୂନ୍ୟବାସୀ, ରାଧାଙ୍କ ଯେ ଅରୂପ ଅଂଶୀ'। ତାଙ୍କୁ ଏଭଳି ଚିତ୍ରଣ କରାଯାଇଥିବା ବେଳେ ସେ ଥିଲେ ଶ୍ରୀଜଗନ୍ନାଥ ଆରାଧନାର ତୀବ୍ର ବିରୋଧୀ। ପୁରୀରେ ଶ୍ରୀଜଗନ୍ନାଥ ପୂଜା ବନ୍ଦ କରିବା ପାଇଁ ଉଦ୍ୟମ କରିଥିଲେ। ମହିମା ଧର୍ମର ପ୍ରଚାର ପ୍ରସାରରେ ତାଙ୍କର ଭୂମିକା ଉଲ୍ଲେଖନୀୟ ଓ ପ୍ରାତଃ ସ୍ମରଣୀୟ। ତାଙ୍କ ଲେଖନୀ ମୁନରେ ସେ ଏହି ଧର୍ମ ବିଷୟରେ ଅନେକ କାଳଜୟୀ ରଚନା ସୃଷ୍ଟି କରିଛନ୍ତି। ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ କାହା ଠାରୁ ବିନ୍ଦୁର ସାହାଯ୍ୟ ବି ଚାହିଁ ନାହାଁନ୍ତି। ସରଳ, ନିଃସ୍ୱାର୍ଥପର ଓ ସମାଜ ସେବା ପାଇଁ ତାଙ୍କ ତମାମ ଜୀବନ ସମର୍ପିତ ଥିଲା। ଆଜିର ସମୟରେ ଭୀମଭୋଇଙ୍କ ପରି ସ୍ରଷ୍ଟା ଓ ଆଧ୍ୟାତ୍ମିକ ସାଧକ ଅତ୍ୟନ୍ତ ବିରଳ। ପ୍ରତିଟି ଶ୍ୱାସପ୍ରଶ୍ୱାସରେ ହିଁ ତାଙ୍କର ମହିମା ଚେତନାର ବାର୍ତ୍ତା ଓ ଭାବନା ରହିଥିଲା। ସେ ସମୟରେ ସେ ନିଜେ ଜଣେ ଗରିବ ହୋଇ ମଧ୍ୟ ଅନେକ ଅସହାୟ ଗରିବ ପରିବାର ପାଇଁ ସାହାଯ୍ୟର ହାତ ବଢ଼ାଇଥିଲେ। ତିଥି ଅନୁସାରେ ଭୀମ ଭୋଇ ବୈଶାଖ ପୂର୍ଣ୍ଣମୀରେ ତାରିଖ ଅନୁସାରେ (ମଇ ୧୦) ରେଢ଼ାଖୋଲର କଟାସିଙ୍ଗାରେ ଜନ୍ମ ହୋଇଥିବା ବିଶ୍ୱାସ କରାଯାଏ।

# ଆହ୍ୱାନ ପକ୍ଷରୁ ବିଶ୍ୱ ମାତୃଦିବସ ପାଳନ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଆହ୍ୱାନ' ପକ୍ଷରୁ ଉପ-ସଭାପତି ପାଣ୍ଡବ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟା ୬ ଘଟିକା ସମୟରେ ବିଶ୍ୱା ମାତୃଦିବସ ପାଳନ କରାଯାଇଥିଲା। ମା' ବିରଜା ଓ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ମୁଖ୍ୟ ଅତିଥି ପଣ୍ଡିତ ଭୂପତିଭୂଷଣ ମିଶ୍ର ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମାତୃ ଜାତି ଚିର ବନ୍ଦନୀୟା ଓ ମା' ମାନଙ୍କର ଋଣ କେହି କେବେ ସୁଝି ପାରିବେ ନାହିଁ ବୋଲି ଦୃଢ଼ତାର ସହ ପଣ୍ଡିତ ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ଅଧିକାରୀ ନବକିଶୋର ଦାସ ଯୋଗାଦେଇ ସତ୍ୟ, ଦ୍ୱାପର, ତ୍ରେତୟା ଏବଂ କଳିଯୁଗରେ ବିଶ୍ୱବିଦିତ ମହିୟସୀ ନାରୀ ମାନଙ୍କର ଉପାଖ୍ୟାନ ବର୍ଣ୍ଣନା କରିଥିଲେ। ମୁଖ୍ୟ ଉପଦେଷ୍ଟା ହୃଷୀକେଶ ପତି ଏବଂ ଉପଦେଷ୍ଟା ତପନ କୁମାର ମହାରଣ୍ୟ ଶର୍ମା ଓ ମନୋଜା ରାୟ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାତୃଦିବସ ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଦମୟନ୍ତୀ ସାହୁ, ସରସ୍ୱତୀ ପୃଷ୍ଟି ଏବଂ ଶାନ୍ତିଲତା ସାହୁ ପ୍ରମୁଖ ପୂଜା କରାଯିବା ସହ ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଥିଲା। ସଂପାଦକ ବିଶ୍ୱଜିତ ସାହୁ ସଂପାଦକୀୟ ବିବରଣୀ ଅତିଥି ପରିଚୟ ଏବଂ ସଂଗୀତ ଗାନ କରିଥିଲେ। ଏହି ଉତ୍ସବରେ ରଶ୍ମିକାନ୍ତ ପରିଡ଼ା ଓ ରଂଜିତା ପରିଡ଼ା ନୂତନ ଭାବେ ଆହ୍ୱାନରେ ଯୋଗଦେଇ ଶୁଭକାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରଞ୍ଜୁଶହା, ସୌମ୍ୟଜିତ ସାହୁ, ଜୟଦେବ ରାଉତ, ବୈଜୟନ୍ତୀ ବେହେର, ମହେଶ ମହାନ୍ତି, ସସ୍ମିତା ସାହୁ, ଶୁଭ୍ରଜିତ ସାହୁ, ରାଜେନ୍ଦ୍ର ସାହୁ ଓ ସାଇ ଓମ୍ ପ୍ରକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସହ ସଂପାଦକ ଅକ୍ଷୟ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ

ଖୋର୍ଦ୍ଧା (ପିଏନ୍)-ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ ହୋଇଯାଇଛି। ଫିଲମରେ ତିନୋଟି ଗୀତ ରହିଥିବା ବେଳେ ଏଥିରେ ଡ଼କ୍ଟର ନିର୍ମଳ ନାୟକ ଓ ଅଭିଜିତ୍ ମଜୁମଦାରଙ୍କ ଜୋଡ଼ି ପୁଣି ଥରେ ଦେଖିବାକୁ ମିଳିବ। ଯେଉଁଥିରେ ଭାଉଜ ଓ ଭାଉଜ ଗୀତଟି ମାର୍କେଟରେ ଚହଳ ସୃଷ୍ଟି କରିବ ବୋଲି ଜୀ ସାର୍ଥକ ଆଶା ପ୍ରକଟ କରିଛି। ଏହି ଗୀତକୁ ନିଜେ ପପୁ ପମ୍‌ପମ୍ ଗାଇଥିବା ବେଳେ ତାଙ୍କ ସହ ଗାଇଛନ୍ତି ସ୍ମୃତି ସେହିପରି ଏକ ଦୋ ତିନି ଚାର, ଚାରିଆଡ଼େ ଦିଶୁଛି ମୋ ପ୍ୟାର। ଗୀତକୁ ଗାଇଛନ୍ତି ଅଭିଜିଦ ମଜୁମଦାର ଓ ସଂଜୁ। ଛାଡ଼ରେ ସାଙ୍ଗ ଗନ୍ଧିଆ କଥା ଗୀତକୁ ଈଶ୍ୱରୀ ଗାଇଛନ୍ତି। ସମସ୍ତ ଗୀତକୁ ଡ଼କ୍ଟର ନିର୍ମଳ ନାୟକ ଲେଖିଥିବା ବେଳେ ସଂଗୀତରେ ସଜାଇଛନ୍ତି ଅଭିଜିତ୍ ମଜୁମଦାର ସବୁତକ ଗୀତ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ପୁରାଟିମ୍ ଆଶାବାଦୀ। ଆସନ୍ତା ୧୫ ତାରିଖ ସନ୍ଧ୍ୟା ୬ଟା ୩୦ମି.ରେ ଏହି ମୁଭିଟି ଜୀସାର୍ଥକରେ ରିଲିଜ ହେବ। କିନ୍ତୁ ତା ପୂର୍ବରୁ ଅଡ଼ିଓ ରିଲିଜ୍ କରିବାର ପରମ୍ପରା ଆରମ୍ଭ କରିଛି ଜୀ ସାର୍ଥକ। ଓଲିଉଡ଼ରେ ନୂଆ ମାଇଲ ଷ୍ଟୋନ ତିଆରି କରିପାରିଛି। ଜୀ ସାର୍ଥକ ଫିଲିମ୍ ଓ ଲିପ୍ସା ପ୍ରଡ଼କ୍ସନ ବ୍ୟାନରରେ ନିର୍ମାଣ ହେଉଛି ନୂଆ ସିନେମା ଡ଼ିଟେକ୍ଟିଭ୍ କରନ ଅର୍ଜୁନ ଏହି ଚଳଚିତ୍ରରେ ନୂଆ ଅବତାରରେ କମେଡ଼ି କିଂ ପପୁ ପମ୍‌ପମ୍‌କୁ ଦେଖିବାକୁ ମିଳିବ। ତାଙ୍କ ସହ ପ୍ରଜ୍ଞା ଖଟୁଆଙ୍କ ଦମ୍‌ଦାର ଅଭିନୟର ମଜା ପାଇବେ ଦର୍ଶକ। ଉଭୟ ପପୁ ଓ ପ୍ରଜ୍ଞା କରନ ଅର୍ଜୁନ ଭୂମିକାରେ ଅଭିନୟ କରୁଛନ୍ତି। ସେହିପରି ନାୟିକା ସାଜିଛନ୍ତି ଅଭିନେତ୍ରୀ ପ୍ରୀୟଙ୍କା ମହାନ୍ତି, ପ୍ରିୟଙ୍କା ମହାପାତ୍ର ଓ ଲିପସା ମିଶ୍ର ଅନ୍ୟମାନଙ୍କ ମଧ୍ୟରେ ଟୁକୁନା, ପ୍ରଜ୍ଞା ମହାନ୍ତି, ଜୀବନ ପଣ୍ଡା, କୁନା ତ୍ରୀପାଠୀ, ହାଡୁ, ଅରବିନ୍ଦ ଷଡଙ୍ଗୀ, ରାଜିବ, କାଳୀ, ମନୋଜ, ସୁଶା, ଦିଗ୍‌ବିଜୟ, ସୁମିତ ଓ ସଂଗ୍ରାମ ପ୍ରମୁଖ ଅଭିନୟ କରିଛନ୍ତି। ପପୁ ପମ୍‌ପମ୍ ନିଜେ ସିନେମାର କାହାଣୀ ଲେଖିଥିବା ବେଳେ ଅଶ୍ୱିନି ଗଡ଼ନାୟକ ନିର୍ଦ୍ଦେଶନା ଦେଇଛନ୍ତି। ଏହାର ସଂଳାପ ଲେଖିଛନ୍ତି ଟୁକୁନା। ଚଳଚିତ୍ରର କାହାଣୀ ସହ ସଂଗୀତ ମଧ୍ୟ ଲୋକାଦୃତ ହୋଇପାରିବ ବୋଲି ଜୀ ସାର୍ଥକ ପକ୍ଷରୁ ଆଶା ପ୍ରକଟ କରାଯାଇଛି।

# ମା' ରାମଚଣ୍ଡୀଙ୍କ ପୀଠରେ ହାଣ୍ଡିଭଙ୍ଗା ଯାତ



ପ୍ରାଚୀନ ଅର୍କକ୍ଷେତ୍ରର ରକ୍ଷାକର୍ତ୍ତ୍ରୀ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା' ରାମଚଣ୍ଡୀ ହେଉଛନ୍ତି ଶ୍ରେଷ୍ଠ ତଥା ଅଧିଷ୍ଠାତ୍ରୀ ଦେବୀ। ମା' ରାମଚଣ୍ଡୀଙ୍କ ଅବସ୍ଥିତି ଓ ମାହାତ୍ମ୍ୟ ସଂପର୍କରେ ମାଦଳା ପାଞ୍ଜି, ସାରଳା ମହାଭାରତ, ପ୍ରାଚୀ ମାହାତ୍ମ୍ୟ, ପୁରୁଷୋତ୍ତମ ମାହାତ୍ମ୍ୟ, ତଥା ବିଭିନ୍ନ ଐତିହାସିକ ବିବରଣୀରୁ ସୂଚନା ମିଳେ। ଏତଦ୍‌ବ୍ୟତିତ ଲୋକମୁଖରେ ମା'ଙ୍କ ସଂପର୍କରେ ଅନେକ କିମ୍ବଦନ୍ତୀ ମଧ୍ୟ ଶୁଣିବାକୁ ମିଳେ। ମା'ଙ୍କ ପୀଠରେ ବର୍ଷତମାମ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ଓ ନିଆରା ପର୍ବ ହେଉଛି ହାଣ୍ଡିଭଙ୍ଗା ଯାତ। ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ଏହି ପର୍ବ ପାଳନ କରାଯାଇଥାଏ। ଏହା ଓଡ଼ିଆଣୀ କୁଳବଧୁମାନଙ୍କର ଏକ ନିଆରା ପର୍ବ। କାହିଁ କେଉଁ କାଳରୁ ପୁରୁଷାନୁକ୍ରମେ ଖାଲକଟାପାଟଣା ଓ ଟିକନା ଗ୍ରାମର କୁଳବଧୂମାନେ ନିଜ ପରିବାରର ଶୁଭ ମନାସି ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତକୁ ମହାଆଡ଼ମ୍ବରରେ ପାଳନ କରିଥାନ୍ତି। ଘଞ୍ଚ ଜଙ୍ଗଲ ଓ ସମୁଦ୍ରକୂଳରେ ଏହି ଦୁଇଟି ଗ୍ରାମର ଅବସ୍ଥିତି ଥିବାରୁ ଜଙ୍ଗଲି ଜୀବଜନ୍ତୁଙ୍କ ଆକ୍ରମଣ ଓ ସମୁଦ୍ର ମାଡ଼ି ନ ଆସିବା ପାଇଁ ଗ୍ରାମର କୂଳବଧୂମାନେ ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗାଯାତକୁ



ପୁରୁଷାନୁକ୍ରମେ ପାଳନ କରି ଆଶୁଛନ୍ତି।

ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ମା'ଙ୍କ ପୀଠରେ ଏହି ନିଆରା ପର୍ବ ହାଣ୍ଡିଭଙ୍ଗା ଯାତ ଧୁମଧାମରେ ପାଳିତ ହୋଇଥାଏ। ମା'ଙ୍କ ପୀଠ ସଂଲଗ୍ନ ଟିକନା ଓ ଖାଲକଟାପାଟଣା ଗ୍ରାମର କୁଳବଧୂମାନେ ଏହି ପବିତ୍ର ଦିନରେ ଉପବାସ ବ୍ରତ ପାଳନ କରି ଏକତ୍ର ହୁଳହୁଳି ପକାଇ ଗ୍ରାମରୁ ବାହାରିଥାନ୍ତି। ମା' ରାମଚଣ୍ଡୀଙ୍କ ନିମନ୍ତେ କୁଳବଧୂମାନେ ଗାଧୁଆ ସଜ ଧରି ପବିତ୍ର ପୀଠରେ ପହଞ୍ଚିବା ପରେ ମା'ଙ୍କ ପୂଜକ ଗାଧୁଆ ନୀତି



ସମ୍ପନ୍ନ କରିଥାନ୍ତି। ପ୍ରତ୍ୟେକ ମହିଳା ପରିଧାନ କରିଥିବା ନୂଆ ଲୁଗା କାନିରେ ବାନ୍ଧି ଆଣିଥାନ୍ତି ହାଣ୍ଡିରନ୍ଧା ସାମଗ୍ରୀ। ମା'ଙ୍କ ମନ୍ଦିର ବେଢ଼ାର ପଶ୍ଚିମ ପାର୍ଶ୍ୱରେ ଥିବା ହାଣ୍ଡିରନ୍ଧା ଚୁଲାରେ ସମୂହ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ ହୋଇଥାଏ। ମନ୍ଦିରର ପୂଜକ ଓ ମାଳି ମା'ଙ୍କ ରୋଷଘର ଚୁଲାରୁ ଅଗ୍ନୀ ଆଣି ପ୍ରତ୍ୟେକ ମହିଳାଙ୍କ ଚୁଲିରେ ଅଗ୍ନୀ ସଂଯୋଗ କରିବା ସହିତ ଖୀରିକୋଲି ଡାଙ୍ଗରେ ପ୍ରସ୍ତୁତ ଚଟୁ ଯୋଗାଇ ଦେବାପରେ ମହିଳାମାନେ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ କରିଥାନ୍ତି। ମହିଳାମାନେ ଘରୁ ଆଣିଥିବା ଅରୁଆଚାଉଳ, ମୁଗ, ଚିନି, ଘିଅ ଓ ପରିବାକୁ ମିଶାଇ ନୂଆ ମାଟିହାଣ୍ଡିରେ ଖେଚୁଡ଼ି ପ୍ରସ୍ତୁତ କରିଥାନ୍ତି। ଏହି ସମୟରେ ମା'ଙ୍କ ରୋଷେଇଘରେ ପୂଜକ ମଧ୍ୟ ନୂଆ ମାଟିହାଣ୍ଡିରେ ଅନୁରୂପଭାବେ ଖେଚୁଡ଼ି ପ୍ରସ୍ତୁତ କରିବାପରେ ମା'ଙ୍କ ନିକଟରେ ଭୋଗ ଲଗାଇଥାନ୍ତି। ଏହାପରେ ହାଣ୍ଡିରନ୍ଧା ଖେଚୁଡ଼ିକୁ ପୂଜକ ଓ ମହିଳାମାନେ କଦଳୀ ପତ୍ରରେ ବାଢିଥାନ୍ତି। ଖେଚୁଡ଼ିର ସିଂହଭାଗ ଅଂଶକୁ ଦୁଇଟି ବାଟୁଳା କରି ବାଘ ଓ ବାଘୁଣୀଙ୍କ ନିମନ୍ତେ ହାଣ୍ଡିରେ ରଖିବା ପରେ ଅବଶିଷ୍ଟ ଖେଚୁଡ଼ିକୁ ସେବନ କରି ବଳକା ଖେଚୁଡ଼ି ହାଣ୍ଡିକୁ ଧରି ପୂଜକ ହାଣ୍ଡିଭଙ୍ଗା ବନ୍ତ ଅଭିମୁଖେ ଆଗେ ଆଗେ ଯିବା ବେଳେ ମହିଳାମାନେ ନିଜ ନିଜ ହାଣ୍ଡିକୁ ଧରି ନୀରବତା ଅବଲମ୍ବନ କରି ତାଙ୍କୁ ଅନୁସରଣ କରିଥାନ୍ତି। ମା'ଙ୍କ ମନ୍ଦିରର ପଶ୍ଚିମ-ଉତ୍ତର କୋଣର ୨୦୦ମିଟର ଦୂରରେ ଥିବା ହାଣ୍ଡିଭଙ୍ଗା ବନ୍ତରେ ପହଞ୍ଚି



ଏହି ବନ୍ତକୁ ସାତଥର ପ୍ରଦକ୍ଷିଣ କରିବା ପରେ ବନ୍ତ ଚୂଡ଼ାରେ ଥିବା ଶିଳା ଉପରେ ହାଣ୍ଡିକୁ କଚାଡ଼ି ଭାଙ୍ଗିଥାନ୍ତି। ଏହାପରେ ମହିଳାମାନେ ଏକମୁହାଁ ହୋଇ ୩୦୦ ମିଟର ଦୂରରେ ଥିବା ହାତଧୁଆ ଝରଣାରେ ହାତ ଧୋଇ



ଗ୍ରାମଦେବତୀ ଖାଲକୋଠୀଙ୍କୁ ମୁଣ୍ଡିଆମାରୀ ଘରକୁ ଫେରିଥାନ୍ତି। ଯେଉଁ ମହିଳାଙ୍କ ହାଣ୍ଡିର ମୁଣ୍ଡୁଳି ଭାଙ୍ଗିନଥାଏ ସଂପୃକ୍ତ ମହିଳା ନିଜ ପରିବାରରେ କୌଣସି ଅମଙ୍ଗଳ ନ ହେବା ପାଇଁ ରିଷ୍ଟ ଖଣ୍ଡନ ଉଦ୍ଦେଶ୍ୟରେ ଶୁକ୍ରବାର ପ୍ରତ୍ୟୁଷରେ ମା'ଙ୍କ ପାଖରେ ଗୁହାରିଆ ପଡ଼ିବାର ବିଧି ରହିଛି।

ଏହି ଅବସରରେ ବିଶ୍ୱ ଶାନ୍ତି ନିମନ୍ତେ ମା'ଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତର ଦୁଇଦିନ ପୂର୍ବରୁ ତ୍ରିଦିବସୀୟ ଚଣ୍ଡୀମହାଯଜ୍ଞ ଆୟୋଜିତ ହୋଇଥାଏ। ହାଣ୍ଡିଭଙ୍ଗା ଯାତ ଦିନ ପ୍ରତ୍ୟୁଷରେ ମା' ରାମଚଣ୍ଡୀଙ୍କୁ ମହାଲକ୍ଷ୍ମୀ ବେଶରେ ସଜାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ସକାଳ ମଙ୍ଗଳ ଆଳତି ଓ ରାତିରେ ବଡ଼ସିଂହାର ଧୂପ ଆଳତିକୁ ମିଶାଇ ମାଆଙ୍କ ନିକଟରେ ମୋଟ ୫ ଥର ଆଳତି କରାଯାଇଥାଏ। ମା'ରାମଚଣ୍ଡୀଙ୍କର ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦିନତମାମ ଲାଗିରହିଥାଏ। ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭା ଅନୁଷ୍ଠିତ ହୋଇଥାଏ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗ ସହାୟତାରେ ମା' ରାମଚଣ୍ଡୀ ଉନ୍ନୟନ କମିଟି, ମା' ରାମଚଣ୍ଡୀ ବଜାର କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥାନ୍ତି।

ଏଠାରେ ସୂଚନା ଥାଉକି ୨୦୧୯ ମସିହାରେ ସାମୁଦ୍ରିକ ଝଡ ଫନି ଓ ୨୦୨୦ ଏବଂ ୨୦୨୧ ମସିହାରେ ମହାମାରୀ କରୋନା ପାଇଁ ମା'ଙ୍କ ପୀଠରେ ଜାକଜମକରେ ପାଳନ ହୋଇପାରି ନଥିଲା ହଣ୍ଡିଭଙ୍ଗା ଯାତ। କେବଳ ପରମ୍ପରା ରକ୍ଷା କରାଯାଇଥିଲା। ଚଳିତ



ବର୍ଷ ୧୦ତାରିଖରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ବିଶ୍ୱ ଶାନ୍ତି ମହାଯଜ୍ଞ ବୈଶାଖ ମାସ ଶେଷ ଗୁରୁବାର ୧୨ତାରିଖରେ ଉଦଯାପିତ ହେବ। ଏହି ଅବସରରେ ୧୦ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ୧୦ ତାରିଖ ଚଣ୍ଡୀ ମହାଯଜ୍ଞ ଓ ସନ୍ଧ୍ୟା ୬ଟାରେ ଖାଲକଟାପାଟଣା ଗ୍ରାମର ମା' ଜାଗେଶ୍ୱରୀ ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯିବ। ୧୧ ତାରିଖ ସନ୍ଧ୍ୟା ୬ଟାରେ କଟକ ବାଦାମବାଡିର ମା' ସାରଳା ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ ଏବଂ ରାତ୍ର ୧୦ଟାରେ ନୟାଗଡ ବୁଢିଆଳିର ରଘୁନାଥ ଜିଉ ରାମନାଟ ସଂସଦ ପକ୍ଷରୁ ଲବକୁଶ ଜନ୍ମ



ପରିବେଷଣ କରାଯିବ। ୧୨ ତାରିଖ ଗୁରୁବାର ମା' ରାମଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତ, ଚଣ୍ଡୀ ମହାଯଜ୍ଞର ପୂର୍ଣ୍ଣାହୁତି, ସନ୍ଧ୍ୟା ୬ଘଟିକା ମା' ଖଣ୍ଡୁଆଳି ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ, ସନ୍ଧ୍ୟା ୭ଟାରେ ଓଡିଶୀ ସଂକୀର୍ତ୍ତନ ପରିବେଷଣ, ରାତ୍ର ୮ଟାରେ ସାଧାରଣ ସଭା ଓ ରାତ୍ର ୯ଟାରେ



ନୟାଗଡ ପୁଆଣିଆର ମା' ବ୍ରହ୍ମଣ ଦେବୀ ରାମନାଟ ସଂସଦ ପକ୍ଷରୁ ଲକ୍ଷ୍ମଣ ଶକ୍ତି ଭେଦ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସୁବାସ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ବେହେରା, ଲୋକନାଥ ନାୟକ, ନରେନ୍ଦ୍ର ପରିଡା, ଚନ୍ଦ୍ରନ ବେହେରା, ଅନିଲ ନାୟକ, ସଦାଶିବ



ନାୟକ, ରବିନ୍ଦ୍ର ଦାସ, ସନାତନ ବେହେରା, ପ୍ରକାଶ ବେହେରା, ରାମଚନ୍ଦ୍ର ନାୟକ, ସନାତନ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ୩୧ ତମ ବାର୍ଷିକ ଉତ୍ସବ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦେଉଳବେଢ଼ା କୋଲିୟରୀର




ତାଳଚେର,(ପି.ଏନ) : ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦେଉଳବେଢ଼ା କୋଲିୟରୀର ୩୧ ତମ ବାର୍ଷିକ ଉତ୍ସବ ତା ୨୦/୧୨/୨୪ ରିଖ ଶୁକ୍ରବାର ଦିନ ବଡ ସମାରୋହ ରୂପେ ପାଳିତ ହୋଇଯାଇଛି । ଉତ୍ସବର ପ୍ରଥମ ପର୍ଯ୍ୟାୟରେ ଅତିଥି ମାନଙ୍କୁ ସ୍ୱାଗତ କରାଯାଇ ମଞ୍ଚ କୁ ଆମନ୍ତ୍ରଣ କରାଯାଇଥିଲା । ବାର୍ଷିକ ଉତ୍ସବର ମୁଖ୍ୟ ଅତିଥି ରୂପେ ତାଳଚେର ଉପଖଣ୍ଡ ର ଉପଜିଲ୍ଲାପାଳ ମାନନୀୟ ଶ୍ରୀଯୁକ୍ତ ସମୀର କୁମାର ଜେନା ଉପସ୍ଥିତ ରହି ଶିଶୁ ଭାଇଭଉଣୀ ଏବଂ ଅଭିଭାବକ ଅଭିଭାବିକା ମାନଙ୍କୁ ଜୀବନରେ ଶିଶୁ ମନ୍ଦିର ଦ୍ୱାରା ଦିଆଯାଉଥିବା ନୈତିକ ଓ ଆଧ୍ୟାତ୍ମିକ ଶିକ୍ଷାକୁ ଗ୍ରହଣ କରି ଭବିଷ୍ୟତ ଗଠନ କରିବାପାଇଁ ନିମର୍ଂ ପ୍ରେରିତ କରିଥିଲେ । ବାର୍ଷିକ ଉତ୍ସବରେ ସମ୍ମାନିତ ଅତିଥି ଭାବେ ମାନନୀୟ ଶ୍ରୀଯୁକ୍ତ ଆଶିଷ ରଂଜନ, ଲିଙ୍ଗରାଜ କ୍ଷେତ୍ରର ଏସ.ଓ ମାନିଙ୍ଗ ଉପସ୍ଥିତ ଥିଲେ । ମୂଖ୍ୟ ବକ୍ତା ରୂପେ ବିଦ୍ୟା ଭାରତୀ ପୂର୍ବ କ୍ଷେତ୍ରର ସହ ମନ୍ତ୍ରୀ ମାନନୀୟ ଶ୍ରୀଯୁକ୍ତ ହେମଂ କୁମାର ପାଣିଗ୍ରାହୀ ଶିଶୁ ମାନଙ୍କୁ ଦେଶ ଗଠନରେ ଭାରତୀୟତା ର ମନୋଭାବ ରଖି କାର୍ଯ୍ୟ କରିବାର ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ସଭାପତି ଶ୍ରୀଯୁକ୍ତ ହେମଂ କୁମାର ଶତପଥୀ ସଭାର ସଭାପତିତ୍ୱ କରିଥିଲାବେଳେ ସଂପାଦକ ଶ୍ରୀଯୁକ୍ତ ସରୋଜ କୁମାର ପ୍ରଧାନ ଅତିଥି ପରିଚୟ କରାଇଥିଲେ । ବାର୍ଷିକ ଉତ୍ସବର ମୁଖ୍ୟ ବିଚାର ବିଦ୍ୟାଳୟ ବାର୍ଷିକ କାର୍ଯ୍ୟ ଯୋଜନାର ବିବରଣୀ କୁ ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ବାବୁଲି ସାମଲ ପାଠ କରି ସମସ୍ତଙ୍କୁ ଅବଗତ କରାଇଥିଲେ ।ବିଦ୍ୟାଳୟର ସମସ୍ତ ପରିଚାଳନା ସମିତିର ସଦସ୍ୟ ସଦସ୍ୟା ଓ ୪୬ ଜଣ ଗୁରୁଜୀ ଗୁରୁମା ଙ୍କ ସହଯୋଗରେ ଉତ୍ସବ ପରିଚାଳିତ ହୋଇଥିଲା । ବାର୍ଷିକ ଉତ୍ସବରେ ଅଭିଭାବକ ଅଭିଭାବିକା ମାନଙ୍କର ପ୍ରତିଯୋଗିତା ର ପୁରସ୍କାର ଓ ମୂଖ୍ୟ ମନ୍ତ୍ରୀ ଶିକ୍ଷା ବୃତ୍ତି ଓ ମୁଖ୍ୟ ମନ୍ତ୍ରୀ ଭାଷା ବୃତ୍ତି ପାଇଥିବା ୧୬ ଜଣ ଛାତ୍ରଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଥିଲା । ରଙ୍ଗମଞ୍ଚିୟ କାର୍ଯ୍ୟ କ୍ରମରେ ବିଦ୍ୟାଳୟର ପ୍ରାରମ୍ଭ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟଂ ୭୨୫ ଜଣ ଛାତ୍ରଛାତ୍ରୀ ଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଦର୍ଶକ ମାନଙ୍କୁ ଉତ୍ସାହିତ କରିଥିଲେ । ପାଗ ର ପ୍ରତିକୂଳ ପରିସ୍ଥିତିରେ ମଧ ବାର୍ଷିକ ଉତ୍ସବ କିପରି କରାଯାଏ ତାହା ପ୍ରଦର୍ଶିତ କରି ଉତ୍ସବ କୁ ସମାପନ କରାଯାଇଥିଲା ।

# ବିଜୁ ସ୍ୱାସ୍ଥ୍ୟକାର୍ଡ ରୁ ଟଙ୍କା ଆତ୍ମସାତ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠା ଶୁନ

ମାହାଙ୍ଗା,ସାଲେପୁର ,(ପି.ଏନ): ନିପ୍ର ସାଲେପୁର ବଜାର ନିକଟ ସପନପୁର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଅପରେସନ ନାମରେ ବିଜୁ ସ୍ୱାସ୍ଥ୍ୟକାର୍ଡରୁ ହିତାଧିକାରୀଙ୍କ ନାମରେ ୩୨ହଜାର ୬୫୬ଟଙ୍କା କାଢିନେଇ ଥିବା ଅଭିଯୋଗ ହୋଇଛି । ଅଭିଯୋଗ କାରି ଛାଣିପୁର ପଞ୍ଚାୟତ ରାମକୃଷ୍ଣ ପୁର ଗ୍ରାମର ଅଚ୍ଛୁତାନନ୍ଦ ନାୟକ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଙ୍କୁ ଲିଖିତ ଅଭିଯୋଗ କରିଛନ୍ତି କି ସପନପୁର ସ୍ଥିତ ଘରୋଇ ହସ୍ପିଟାଲରେ ତାଙ୍କର ସାନଭାଇ ଭାଗିରଥି ନାୟକଙ୍କ ପତ୍ନୀ ମମତା ନାୟକଙ୍କର ଗତ ୧୨/୦୭/୨୦୨୪ ତାରିଖ ରେ ପିତ୍ତଦୋଷ ପଥର ଅସ୍ତ୍ରୋପଚାର ପାଇଁ ଭର୍ତ୍ତି କରାଯାଇଥିଲା । ଅସ୍ତ୍ରୋପଚାର ନକରି ଗୃହ ରୁ ବାହାରକୁ ଡାକ୍ତର ଆସି ପିତ୍ତଦୋଷ ମିଳିନଥିବା କହିଥିଲେ । କିନ୍ତୁ ପରେ ବିଜୁ ସ୍ୱାସ୍ଥ୍ୟକାର୍ଡରୁ ଟଙ୍କା କଟାଯାଇଥିବା ଜାଣିବାକୁ ପାଇଥିଲେ । ହସ୍ପିଟାଲ ଡିସ୍‌ଚାର୍ଜ ରିପୋର୍ଟ ଦେବା ପରେ ରୋଗି ଜାଣିବାକୁ ପାଇଥିଲେ ଯେ ତାଙ୍କର ପିତ୍ତଦୋଷ ଅସ୍ତ୍ରୋପଚାର ହୋଇନାହିଁ ।ହେଲେ କେଉଁ ବାବଦରେ କେତେ ଟଙ୍କା ନିଆଯାଉଛି ଡିସ୍‌ଚାର୍ଜ ରିପୋର୍ଟ ରେ ସୂଚନା ଦେଇ ନାହାଁନ୍ତି ବୋଲି ଜଣାପଡିଛି ।ଏହି ଘଟଣା ସମ୍ପର୍କରେ ବିହିତ ପଦକ୍ଷେପ ନେବାପାଇଁ ଅଚ୍ଛୁତାନନ୍ଦ ନାୟକ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଙ୍କୁ ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ସରକାର ଙ୍କସ୍ୱାସ୍ଥ୍ୟ ବିଭାଗ ଏ ଘଟଣାର ପୂଙ୍ଖାନୁପୂଙ୍ଖ ତଦନ୍ତ କରି ଦୋଷୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଚ୍ଛୁତାନନ୍ଦ ନାୟକ ଅନୁରୋଧ କରିଛନ୍ତି ।

# ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ । ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ଜିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େଣ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ଜିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େଣ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପରଏକ୍ଜିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।

# ଫିରିଙ୍ଗିଆଠାରେ କିନ୍ନର ମାନଙ୍କର ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଉନ୍ନିତ ଉଚ୍ଚବିଦ୍ୟାଳୟ ଖେଳପଡିଆ ଠାରେ କନ୍ଧମାଳ ଜିଲ୍ଲା କିନ୍ନର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁର୍ଗିମାତା କିନ୍ନର ସଂଘ ଫିରିଙ୍ଗିଆ ଶାଖା ଅନୁକ୍ୟଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ସଂଘ ର ସଭାପତି ମୁନି କିନ୍ନର ସଭାପତିତ୍ୱ କରିଥିବା ବେଳେ କନ୍ଧମାଳ ଜିଲ୍ଲା ରାଇକିଆ ର କିନ୍ନର ମାନଙ୍କ ଗୁରୁ ସଂଧ୍ୟାରାଣୀ କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସାମାଜିକ ଦୁରତା ବଜାୟ ରଖି କୋଭିଡ ନିୟମ ଅନୁସାରେ ଆୟୋଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଘୁ.ଉଦୟଗିରି ରୁ ଝୁମୁକା ନାୟକ ,ବାଲିଗୁଡାରୁ ବିଷ୍ଣୁପ୍ରିୟା ପ୍ରଧାନ ,ତୁମୁଡିବନ୍ଧ ବ୍ଲକରୁ ସୁମନ ବାରିକ , ରାଇକିଆରୁ ଲିପସା କିନ୍ନର ,ଫୁଲବାଣୀରୁ ପାୟଲ କିନ୍ନର ,କ.ନୁଆଁଗାଁରୁ ନିଲୁ ବିଶୋୟୀ,ଖଜୁରିପଡା ବ୍ଲକରୁ ଶିତଲ କିନ୍ନର , କୋଟଗଡରୁ ସଂଧ୍ୟା କିନ୍ନରଙ୍କ ସହ ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକରୁ ଜଣେ ଲେଖାଏଁ ପ୍ରତିନିଧି ଯୋଗ ଦେଇଥିଲେ । ଫିରିଙ୍ଗିଆ କିନ୍ନର ସଂଘର ସମ୍ପାଦକ ରିଙ୍କି କିନ୍ନର ଓ ମନିସା ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ତେବେ କିନ୍ନର ମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ଏହା ସହ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ଭତା ପ୍ରଦାନ, ଉଚ୍ଚ ଶିକ୍ଷିତ କିନ୍ନର ମାନଙ୍କୁ ସରକାରୀ ଚାକିରି ଦେବା କିନ୍ନର ମାନଙ୍କୁ ସ୍ୱୟଂସହାୟକ ଗୋଷ୍ଠୀ ଗଠନ କରିବା ଦିଗରେ ରାଜ୍ୟସରକାର ପଧକ୍ଷେପ ନେବା ଜରୁରି ବୋଲି ବୈଠକରେ ଆଲୋଚନା ହୋଇଥିଲା। । ଅନ୍ୟପଟେ ଫିରିଙ୍ଗିଆ ଠାରେ କିନ୍ନର ମାନଙ୍କ ବୈଠକ ପାଇଁ ଏକ ବୈଠକ ଗୃହ ଓ କରୋନ କଟକଣା ପାଇଁ ଜୀବିକା ହରାଇଥିବା କିନ୍ନର ମାନେ କିପରି ସରକାରୀ ସହାୟତା ପାଇବେ ସେହି ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ହୋଇଥିବା ସମସ୍ତ ପ୍ରସ୍ତାବକୁ ଜିଲ୍ଲାପାଳଙ୍କୁ ଜଣାଇବା ନେଇ ଆଲୋଚନା ହୋଇଥିଲା ।

# କନ୍ଧମାଳରେ ସାଂସଦଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

ଫୁଲବାଣୀ,(ପି.ଏନ): କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ରବିବାର ଓ ସୋମବାର ଦୁଇଦିନ ଧରି କନ୍ଧମାଳ ଜିଲ୍ଲାରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସାଂସଦ ଶ୍ରୀ ସାମନ୍ତ ରବିବାର ପୂର୍ବାହ୍ନରେ ଫୁଲବାଣୀରେ ଆୟୋଜିତ ବିରାଟ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ କନ୍ଧମାଳ ଜିଲ୍ଲାରେ ବିକାଶର ରଥ ଆଗେଇ ଚାଲିଛି ବୋଲି କହିଥିଲେ । କନ୍ଧମାଳ ଜିଲ୍ଲାବାସୀଙ୍କ ସହଯୋଗରେ କନ୍ଧମାଳକୁ ଏକ ନମ୍ବର ଜିଲ୍ଲାରେ ପରଣିତ କରିବା ପାଇଁ ସେ ଆହ୍ୱାନ କରିଥିଲେ । ପରେ ଶ୍ରୀ ସାମନ୍ତ ବାଲିଗୁଡ଼ା ବ୍ଲକର ୪ଟି ଦୁର୍ଗମ ପଞ୍ଚାୟତରେ ୧୫କୋଟି ଟଙ୍କା ବ୍ୟୟ ଅଟକଳରେ ବିଜୁ ସେତୁ ଯୋଜନାରେ ନିର୍ମାଣ ହେବାକୁ ଥିବା ୪ଟି ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ବାଲିଗୁଡ଼ା ବ୍ଲକର ବାରଖମା ପଞ୍ଚାୟତ ଡ଼େଲାମୁଣ୍ଡାଠାରୁ ଗଡିଙ୍ଗିଆ ରାସ୍ତାରେ ୨କୋଟି ୮୭ଲକ୍ଷ ଟଙ୍କା ବ୍ୟୟରେ ଏବଂ ସଲାଗୁଡ଼ା ପଞ୍ଚାୟତ ସକରପଡ଼ି-ବୁକୁକିଆ ରାସ୍ତାରେ ୨କୋଟି ୯୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ବୁଡୁରୁକିଆ ପଞ୍ଚାୟତର ମାଦିନାଟ ନାଳ ଉପରେ ୫କୋଟି ୫ଲକ୍ଷ ଟଙ୍କା ଏବଂ ସିନ୍ଦ୍ରିଗାଁ ପଞ୍ଚାୟତର ଗାଡ଼ିଆଯୋଡ଼ି ନାଳ ଉପରେ ୩ କୋଟି ୯୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ହାଇ ଲେବଲ୍ ସେତୁର ଶିଳାନ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, କନ୍ଧମାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାଇକିଆ ବ୍ଲକର ସୁଗଡ଼ାବାଡ଼ି-ଡ଼ିଗି ରାସ୍ତାର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେବା ସହ ରାଇକିଆ, ଟିଆଙ୍ଗିଆ, କାନବାଗେରୀ, ଟିକାବାଲିଠାରେ ସଂଖ୍ୟାଲଘୁ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହାଛଡ଼ା ରାଇକିଆଠାରେ ପଞ୍ଚାୟତ ସୁବିଧା କେନ୍ଦ୍ର ଓ ରାଇକିଆ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ । ପରେ ରାଇକିଆଠାରେ ୩ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ନିଜସ୍ୱ ପାଣ୍ଠିରୁ ସିଲେଇ ମେସିନ୍ ବଣ୍ଟନ କରିଥିଲେ । ସୂଚନାଯୋଗ୍ୟ, ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସାଂସଦ ଶ୍ରୀ ସାମନ୍ତ ନିଜସ୍ୱ ପାଣ୍ଠିରୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସିଲେଇ ମେସିନ୍ ବଣ୍ଟନ କରିଆସୁଛନ୍ତି । ଏହିସବୁ କାର୍ଯ୍ୟକ୍ରମରେ ଉପବାଚସ୍ପତି ସାଲୁଗା ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, କନ୍ଧମାଳ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ, ବିଡିଓ ସୀମାଚଳ ମଣ୍ଡଳ ପ୍ରମୁଖ ଯୋଗଦେଇ ଥିଲେ ।

# ଫିରିଙ୍ଗିଆରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ୮୫ ୟୁନିଟ ରକ୍ତ ସଂଗୃହିତ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଦରମହକୁମା ଠାରେ ଥିବା ବିଜୁକଲ୍ୟାଣ ମଣ୍ଡପରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସ୍ୱେଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିର ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ କର୍ଣ୍ଣଙ୍କ ପରିଚାଳନାରେ ଆୟୋଜିତ ହୋଇଥିଲା । ଏଥିରେ କନ୍ଧମାଳ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ସାରତୀ ମଲ୍ଲିକ,ଜିଲ୍ଲା ବିଜେଡି ଯୁବ ସଭାପତି ବିଷ୍ଣୁଚରଣ ମଲ୍ଲିକ,ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ,ଜିଲ୍ଲା ପରିଷଦ ସଦସ୍ୟା ଜୟଶ୍ରୀ କହଁର,ସମିତି ସଭ୍ୟ ପ୍ରତାପ କୁମାର ସାହୁ,ବିଜୁ ଜନତା ଦଳ ଫିରିଙ୍ଗିଆ ସଭାପତି ପ୍ରଦୀପ କୁମାର ବେହେରାଙ୍କ ସମେତ ଅନ୍ୟ ବିଜୁ ଜନତା ଦଳର କର୍ମୀମାନେ ଉପସ୍ଥିତ ରହି ରକ୍ତ ଦାନ କରିଥିଲେ ।

# ହୀଦ ବାଜି ରାଉତଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ଦାବିରେ ମହିଳା ଶିଶୁ ବିଭାଗ ମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ପତ୍ର

ଭୁବନେଶ୍ୱର, (ପିଏନ)- ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବାଜି ରାଉତ (୫ ଅକ୍ଟୋବର ୧୯୨୬ - ୧୧ ଅକ୍ଟୋବର ୧୯୩୮)ଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରିବା, ଜାତୀୟ ସ୍ତରରେ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା ଓ ରାଜଧାନୀରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦାବିକରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦେଶର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀଙ୍କ ପାଖକୁ ଆଜି ବାଜି ରାଉତଙ୍କ ୮୨ତମ ଶହୀଦ ଦିବସ ଉପଲକ୍ଷେ ଏକ ପତ୍ର ଲେଖାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଲିଖିତ ଏହି ପତ୍ରର ଏକକିତା ନକଲ ଦେଶର ପ୍ରଧାନମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ ପ୍ରଦାନ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଯାଇଛି । ଏହି ପତ୍ରରେ ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ, ୧୨ ବର୍ଷର ବାଳକ ବାଜି ରାଉତଙ୍କର ତ୍ୟାଗ ଅତୁଳନୀୟ । ଜାତୀୟ ଇତିହାସ ପୃଷ୍ଠାରେ ତାଙ୍କ ତ୍ୟାଗ ପାଇଁ ଯେଉଁ ସ୍ଥାନ ମିଳିବା କଥା, ତାହା ମିଳିପାରିନାହିଁ । ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ଥିଲେ ସର୍ବକନିଷ୍ଠ ଶହୀଦ । ଆଜିର ପିଢୀ ତାଙ୍କ ଜୀବନୀରୁ ଅନେକ କିଛି ଶିଖିପାରିବ। ଆଜିର ଶିଶୁମାନଙ୍କ ଭିତରେ ବାଜି ରାଉତଙ୍କ ତ୍ୟାଗ ଓ ସାହାସର ବ୍ୟାପକ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି । ତେଣୁ ଏହାକୁ ଆଖି ଆଗରେ ରଖି ଶହୀଦ ବାଜି ରାଉତଙ୍କ ନାମରେ ଜାତୀୟ ସ୍ତରରେ ଏକ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରାଯାଉ ଏବଂ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା କରାଯାଇ ତାଙ୍କ ପ୍ରତିମୂର୍ତ୍ତିକୁ ସେଠାରେ ସ୍ଥାନିତ କରାଯିବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ମଧ ଏ ଦିଗରେ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଇ-ମେଲ୍ ଯୋଗେ ଏକ ପତ୍ର ପ୍ରଦାନ କରି ଅନୁରୋଧ କରିଛନ୍ତି ।

## ଚୋରା ମଦ ବିକ୍ରି ବନ୍ଦ କରିବାକୁ ଯାଇଥିବା ମହିଳା ପୁଲିସଙ୍କୁ ଆକ୍ରମଣ

# ଜଣେ ଗିରଫ, ଅନ୍ୟମାନେ ଫେରାର

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ତଥା ବିଶୋଇ ଥାନା ନିକଟ ଶନିବାର ସାପ୍ତାହିକ ହାଟରେ କେତେକ ମହିଳା ସବୁ ଦିନ ବସି ହାଣ୍ଡିଆ ସହ ମହୁଲି ମଦ ବିକ୍ରି କରିଥାନ୍ତି । କେବଳ ହାଟ ବାରି ଦିନ ହାଣ୍ଡିଆ ଓ ମଦ ପିଇବା ନିମନ୍ତେ ସେମାନଙ୍କ ନିକଟରେ ବେଶ ଗହଳି ଜମି ଥାଏ । ଏହି ହାଣ୍ଡିଆ ଓ ଦେଶୀ ମହୁଲି ମଦ ବିକ୍ରିକୁ ବନ୍ଦ କରିବା ନିମନ୍ତେ ବିଶୋଇ ଥାନା ମହିଳା ପୁଲିସ କର୍ମଚାରୀ ମଞ୍ଜୁଲତା ସାହୁ ହାଣ୍ଡିଆ ଓ ମଦ ବିକ୍ରି କରୁଥିବା ମହିଳାମାନଙ୍କୁ ତାଗିଦ କରିଥିଲେ । କିନ୍ତୁ ପୁଲିସର ସତର୍କବାଣିକୁ ମହିଳାମାନେ ନ ମାନି ସେମାନଙ୍କର ବ୍ୟବସାୟ ଜାରି ରଖିଥିଲେ । ଖବରପାଇ ବିଶୋଇ ଥାନା ମହିଳା ପୁଲିସ ପହଁଚି ହାଣ୍ଡିଆ ଓ ମଦ ବିକ୍ରିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ଉଭୟଙ୍କ ମଧ୍ୟରେ ପ୍ରଥମେ କଥାକଟାକଟି ଓ ପରେ ହାତାହାତି ଆରମ୍ଭ ହୋଇଯାଇଥିଲା । ଦୁଇ ଜଣ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀ ଯାଇଥିବା ମହିଳା ପୁଲିସ କର୍ମଚାରୀମାନଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ । ଏହାପରେ ମହିଳା ପୁଲିସ କର୍ମଚାରୀ ମଧ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀମାନଙ୍କୁ ଆକ୍ରମଣ କରୁଥିବାର ଏକ ଭିଡ଼ିଓ ମଧ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହାପରେ ମହିଳା ପୁଲିସ କର୍ମଚାରୀ ସ୍ଥାନୀୟ କାଣ୍ଡରା ଗ୍ରାମର କାପୁରା ମାର୍ଣ୍ଡିଙ୍କୁ ଧରି ଥାନାକୁ ନେଇ ଯାଇଥିଲେ ଏବଂ ଥାନାରେ ୯୯/୨୦୨୦ରେ ଏକ ମାମଲା ରୁଜୁ କରି ବେଆଇନ ଭାବେ ଚୋରା ମଦ ବିକ୍ରି କରିବା ଓ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଭିଯୋଗରେ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ପୁଲିସ ପକ୍ଷରୁ ତାକୁ ଧରିବା ନିମନ୍ତେ ତଲାସୀ ଜାରି ଥିବାର ଜଣାପଡ଼ିଛି ।

# ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ

ଭୁବନେଶ୍ୱର, (ପିଏନ)- ଆନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଆଜି ପୂର୍ବାହ୍ନରେ ଆୟୋଜିତ ରାଜ୍ୟସ୍ତରୀୟ ଓ୍ୱେବିନାରରେ ରାଜ୍ୟର କିଶୋରୀମାନଙ୍କ ନିମନ୍ତେ ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି ମୋ ସ୍ୱର, ଆମର ସମାନ ଭବିଷ୍ୟତ । ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଏହି ପ୍ୟାକେଜ ଲୋକାର୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରାଜ୍ୟର ୧୦ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ ସାମଗ୍ରିକ ବିକାଶ ଏବଂ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ଏବଂ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ଏହା କାର୍ଯ୍ୟକାରୀ କରାଯିବ ।

ଏହି ଓ୍ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ସାହୁ କହିଲେ, ଅଦ୍ୱିକାର ଅର୍ଥ ଅଦ୍ୱିତୀୟ କରି ଗଢ଼ି ତୋଳିବାରେ ଏହା ଏକ ଅଭିନବ ପ୍ରୟାସ । ନିଜ ସମସ୍ୟାକୁ ବୁଝିପାରିଲେ ନିଜ ଅଧିକାର ପାଇଁ ସେମାନେ ଲଢ଼ି ଶିଖିବେ ଏବଂ ସମାଜରେ ଦୃଢ଼ ଭାବେ ଠିଆ ହୋଇପାରିବେ । ପ୍ରତ୍ୟେକ ଝିଅଙ୍କ ସୁରକ୍ଷିତ, ସୁଖପୂର୍ଣ୍ଣ ଉଜ୍ଜଳ ଭବିଷ୍ରତ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ।



୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Sunday December 22 | ଭୁବନେଶ୍ୱର ରବିବାର, ଡିସେମ୍ବର ୨୨,୨୦୨୪ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com



## ଜିଲ୍ଲାସ୍ତରୀୟ କୃଷି ଯାନ୍ତ୍ରୀକରଣ ମେଳା,କୃଷକ ମେଳା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୪-୨୫ ର ଉଦ୍‌ଘାଟନ



ସମ୍ବଲପୁର,(ପି.ଏନ): ଆଜି ଜିଲ୍ଲାସ୍ତରୀୟ କୃଷି ଯାନ୍ତ୍ରୀକରଣ ମେଳା,କୃଷକ ମେଳା,ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୪-୨୫ ର ଉଦଘାଟନ ହୋଇଯାଇଛି ଯାହା ୨୧ ଡିସେମ୍ବର ରୁ ୨୫ ଡିସେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।ଏହି ଅବସରରେ ରେ ମାନ୍ୟବର ବିଧାୟକ, ସମ୍ବଲପୁର ଶ୍ରୀ ଜୟନାରାୟଣମ ମିଶ୍ର, ଜିଲ୍ଲାପାଳ, ସମ୍ବଲପୁର ଶ୍ରୀ ସିଦ୍ଧ ?ଶ୍ୱର ବଳିରାମ ବୋନ୍ଦର,(ଆଇ.ଏ.ଏସ), ସମ୍ବଲପୁର ମହାନଗର ନିଗମ ର କମିଶନର ଶ୍ରୀ ବେଦଭୂଷଣ(ଆଇ.ଏ.ଏସ), ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ,ସମ୍ବଲପୁର ଶ୍ରୀ ହେମନ୍ତ ଜେନା, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, ସମ୍ବଲପୁର ଶ୍ରୀ ପୁରୁଷୋତ୍ତମ ମିଶ୍ର, ଜିଲ୍ଲା ମତ୍ସ୍ୟ ଅଧିକାରୀ, ସମ୍ବଲପୁର ଶ୍ରୀ ତୁଷାର ରଞ୍ଜନ ଦିପ, ଉପନିର୍ଦ୍ଦେଶକ ଉଦ୍ୟାନ କୃଷି ଶ୍ରୀ ହିମାଂଶୁ ଶେଖର ସାହୁ, କୃଷି ମହାବିଦ୍ୟାଳୟ ଡିନ ଡ. କୈଳାଶ ଚନ୍ଦ୍ର ସାମଲ, କୃଷି ନିର୍ବାହୀ ଯନ୍ତ୍ରୀ ଶ୍ରୀ ଅଭିମନ୍ୟୁ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ । ସମନ୍ୱିତ ମେଳା ରେ ମାନ୍ୟବର ବିଧାୟକ, ସମ୍ବଲପୁର ଶ୍ରୀ ଜୟନାରାୟଣମ ମିଶ୍ର ଯୋଗ ଦେଇ କହିଥିଲେ,କେବଳ ଧାନ ଚାଷ ରେ ସୀମିତ ନରହି ଅନ୍ୟ ଶସ୍ୟ, ପନିପରିବା ଚାଷ, ପଶୁପାଳନ କ୍ଷେତ୍ର ରେ ବ୍ୟାପକ ଉନ୍ନତି କରି ଅର୍ଥନୀତି କୁ ସୁଦୃଢ କରିବାକୁ କହିଥିଲେ । ଜିଲ୍ଲାପାଳ, ସମ୍ବଲପୁର ଶ୍ରୀ ସିଦ୍ଧ ?ଶ୍ୱର ବଳିରାମ ବୋନ୍ଦର (ଆଇ.ଏ.ଏସ)ମେଳା ରେ ଯୋଗ ଦେଇ କୃଷିରେ ଆଧୁନିକ ଯାନ୍ତ୍ରୀକରଣର ଏବଂ ସରକାର ଙ୍କ ଦ୍ୱାରା ଯୋଗାଇଦିଆ ଯାଉଥିବା କୃଷି ଉପରେ ଆଧାରିତ ବହୁମୂଖୀ ଯୋଜନା ର ମହତ୍ତ୍ୱ ଉପରେ ଆଲୋଚ଼ନା କରିଥିଲେ ଏବଂ କହିଥିଲେ ଚାଷ କ୍ଷେତ୍ର ରେ ଉତ୍ପାଦନ କୁ ଦୁଇ ରୁ ତିନି ଗୁଣ ବୃଦ୍ଧି କରାଇବାକୁ ହେଲେ କୃଷି କ୍ଷେତ୍ର ରେ ଉନ୍ନତି ଆଣିବାକୁ ହେବ ସେଥିପାଇଁ କୃଷି ଯାନ୍ତ୍ରୀକରଣ ରେ ଆଧୁନିକୀକରଣ କରାଯାଉଛି, ସରକାର ଙ୍କ ତରଫରୁ ବହୁ ସୁବିଧା ମଧ୍ୟ ଯୋଗାଇ ଦିଆଯାଉଛି ।କୃଷି କ୍ଷେତ୍ର ରେ ସମ୍ବଲପୁର କୁ ସୁଦୃଢ କରିବା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍‌ଯୋଗୀ ଯୋଜୋନ ଆଦି ର ଲାଭ ଉଠାଇବା ପାଇଁ ଉପସ୍ଥିତ ଜନତା ଙ୍କୁ ଅନୁରୋଧ କରିଥିଲେ ।ଓଡିଶା ସରକାର ଏହି ମେଳା ଆୟୋଜନ କରି କୃଷକମାନଙ୍କ ମଧ୍ୟରେ ଚାଷ ଯାନ୍ତ୍ରିକକରଣର ସମସ୍ତ ଯୋଜନା ଉପରେ ସଚେତନତା ସୃଷ୍ଟି କରାଇବା ସହିତ କୃଷି ଯନ୍ତ୍ର ଉତ୍ପାଦନକାରୀଙ୍କୁ, କୃଷକ, ଏସ.ଏଚ୍.ଜି, କୃଷି ବିତରଣକାରି କମ୍ପାନୀ ମାନଙ୍କୁ ଏବଂ କୃଷି ଅନୁସାହାୟକ ବିଭାଗ ଗୁଡିକୁ ଏକ ସାଧାରଣ ପ୍ଲାଟଫର୍ମ ଯୋଗାଇଦେବା ର ଲକ୍ଷ ରଖିଛି । ଏହି ସମନ୍ୱିତ ମେଳା ରେ ପ୍ରାୟ ୯୦ ଟି ଷ୍ଟଲ ଖୋଲା ଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ Dhankauda ବ୍ଲକ ର ଶ୍ରୀ ନୀଳାଞ୍ଚଳ ଛୁରିଆ (କୃଷି ), ସତ୍ୟନାରାୟଣ ପ୍ରଧାନ (ଉଦ୍ୟାନ କୃଷି ), ଶ୍ରୀମତି ମୈଥିଳି ଭୁଏଁ (ସ୍ୱୟଂ ସହାୟକ ଗୋଷ୍ଠୀ ), ଶ୍ରୀ ନରେଶ ନାଏକ (କୃଷକ ସାଥି ) ଓ କୁଚିଣ୍ଡା ବ୍ଲକ ର ଶ୍ରୀ ସଦାଶିବ ଭୋଇ (କୃଷି ), ଶ୍ରୀ ଶିବଶଙ୍କର ନାୟକ (ଉଦ୍ୟାନ କୃଷି ), ଶ୍ରୀ ତୁଷାରକାନ୍ତ ନାଏକ (କୃଷକ ସାଥି ), ମା ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ରେଢ଼ାଖୋଲ ବ୍ଲକ ର ଶ୍ରୀ ଅଜିତ କୁମାର ବେହେରା (କୃଷକ ସାଥି ), ଶ୍ରୀ ଦେବାଶିଷ ରଣା (ଉଦ୍ୟାନ କୃଷି ), ମା ବୈଷ୍ଣଦେବୀ ସ୍ୱୟଂ ସହାୟକ ଗୋଷ୍ଠୀ , ଶ୍ରୀ ଦିଲୀପ କୁମାର ମହାକୁଡ଼ (କୃଷି ) ମାନଙ୍କୁ ସମ୍ବର୍ଦ୍ଧନ କରାଗଲା ।

## ଅଦିନିଆ ଲଘୁଚାପ ବର୍ଷା କ୍ଷେତରେ ଭାସୁଛି ପାଚିଲା ଧାନ ଚିନ୍ତାରେ ଚାଷୀ

କାକଟପୁର, (ପି.ଏନ): ବଙ୍ଗୋପସାଗର ଘନୀଭୂତ ହୋଇଥିବା ଲଘୁଚାପ ବର୍ଷା ଯୋଗୁ ପୁରୀ ଜିଲ୍ଲା କାକଟପୁର ବ୍ଲକ ରେ ଏକର ଏକର କଟା ଧାନ ପାଣିରେ ବୁଡି ରହିଥିବା ଦେଖିବାକୁ ମିଳିଛି । ଦୀର୍ଘ ଦିନ ଧରି ପାଣି କାଦୁଅରେ ଘାଣ୍ଟି ହୋଇ,ଜମି ମାଲିକ ଠାରୁ ଜମି ଚାଷ ପାଇଁ ଆଣି, ସମବାୟ ସମିତି, ରୁ ସୁଧକୁ ଆଣି, ପ୍ରଧାନମନ୍ତ୍ରୀ କିଶାନନିଧି ଯୋଜନାରେ ସହାୟତା ରାଶି ପାଇ ମୁଣ୍ଡଝାଳ ତୁଣ୍ଡରେ ମାରି ଚାଷୀ ନଖରା ଭୂମିରେ ଯେଉଁ ସୁନାର ଫସଲ ଫଳାଇଥିଲା, ଅମଳ କରିବା ବେଳକୁ ପ୍ରକୃତି ଦାଉ ସାଧି ଆଜି ଫସଲ ଉଜାଡି ଦେଇଛି । କାକଟପୁର ବ୍ଲକରେ ଏକର ଏକର ଚାଷଜମିର ପାଚିଲା ଧାନ ଅଦିନିଆ ବର୍ଷାରେ ନଷ୍ଟ ହେବାକୁ ଯାଉଛି । ଯଦ୍ୱାରା ଚାଷୀ ସରକାରୀ ମଣ୍ଡିରେ ଏଫ ଏ କ୍ୟୁ ମାନର ଧାନ କେଉଁଠୁ ଆଣି ଦେବ ଯେ ସେ ତାର ପରିଶ୍ରମର ଉପଯୁକ୍ତ ମୂଲ୍ୟ ପାଇବ ।ଅଦିନିଆ ଲଗାଣ ବର୍ଷା । ଫଳରେ ବିଲରେ କଟା ହୋଇ ପଡିଥିବା ଧାନବତୁରି ଗଜା ହେବା ସହ ଧାନର ରଙ୍ଗ ଓ ମାନକୁ ପରିବର୍ତ୍ତନ କରିଦେବ । ସମବାୟର ମଣ୍ଡି ମାଧ୍ୟମରେ ମିଲର ସେଭଳି ଧାନକୁ ନେବ ନାହିଁ । ତେଣୁ ବିଚରା ଚାଷୀ ବାଧ୍ୟହୋଇ ବେପାରୀଙ୍କ ମାଧ୍ୟମରେ ସେହି ମିଲରଙ୍କୁ ଶାଗ ମାଛ ଦରରେ ଧାନ ବିକ୍ରି କରି ଋଣମୁକ୍ତ ହେବାକୁ ଚେଷ୍ଟା କରିବ ।

## କର୍ମକ୍ଷେତ୍ରରେ ଯୌନ ନିର୍ଯ୍ୟାତନା ରୋକିବା' ଉପରେ କର୍ମଶାଳା ଅନୁଷ୍ଠିତ



ସମ୍ବଲପୁର (ପିଏନ୍) : ଫୁଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ସମ୍ବଲପୁର ଡିଭିଜନ୍ ଶନିବାର ଦିନ ଅଫିସ୍ ପରିସରରେ 'କର୍ମକ୍ଷେତ୍ରରେ ଯୌନ ଉତ୍ପୀଡ଼ନକୁ ରୋକିବା' ଉପରେ ଏକ ସୂଚନାପୂର୍ଣ୍ଣ ତଥା ଆକର୍ଷଣୀୟ କର୍ମଶାଳା ଆୟୋଜନ କରିଛି । କର୍ମଶାଳାରେ ମହିଳାମାନଙ୍କ ପାଇଁ ଏକ ନିରାପଦ ତଥା ସମ୍ମାନଜନକ ପରିବେଶ ସୃଷ୍ଟି କରିବା ବିଷୟରେ ଡିଭିଜନାଲ ମ୍ୟାନେଜର ଗଜେନ୍ଦ୍ର ସିଂ ରାଓ୍ୱତ ଅଧ୍ୟକ୍ଷତାରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଯୌନ ଉତ୍ପୀଡ଼ନ ଅଭିଯୋଗର ସମାଧାନ ସହ ଜଡିତ ଆଇନଗତ ପ୍ରକ୍ରିୟାକୁ ସେ ଗୁରୁତ୍ୱ ଦେଇ ଚଡଂଝଏୀ ଆକ୍ଟ ୨୦୧୩ ର ମୁଖ୍ୟ ବ୍ୟବସ୍ଥା ଉପରେ ମଧ୍ୟ ଆଲୋକପାତ କରିଥିଲେ ।କର୍ମଶାଳାର ମୂଳ ଉଦ୍ଦେଶ୍ୟ ଥିଲା ମହିଳା କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ସମ୍ପୃକ୍ତ ଆଇନ ଏବଂ ନିର୍ଦ୍ଦେଶାବଳୀଗୁଡିକର ପ୍ରଭାବଶାଳୀ କାର୍ଯ୍ୟକାରିତା ଉପରେ ଅତ୍ୟାବଶ୍ୟକ ଜ୍ଞାନ ଥିବା ଶିକ୍ଷିତ ତଥା ସଶକ୍ତ କରିବା ।ଅଭିଯୋଗକୁ କିପରି ସଠିକ୍ ଭାବରେ ପରିଚାଳନା କରାଯିବ ଏବଂ ଏକ ସକରାତ୍ମକ ଏବଂ ନିରାପଦ କାର୍ଯ୍ୟ ପରିବେଶ ବଜାୟ ରଖିବାରେ ଅଧିକାରୀ, ସଦସ୍ୟ, ଏବଂ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ର ସାହାଯ୍ୟକାରୀ କରିବାକୁ ଏହା ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ଏହି ଅବସରରେ ମହିଳା କର୍ମଚାରୀ ମୋନାଲିସା ପଣ୍ଡା, ଲକ୍ଷ୍ମୀ ପ୍ରିୟା ସ୍ୱାଇଁ ଅଙ୍କିତା ପଣ୍ଡା, ସୁଭାସ୍ମିତା , ଶ୍ରଦ୍ଧା ନାଗୋରାଓ ଲୋଖଣ୍ଡେ ଏକ ନାଟକ କରିଥିଲେ ଯାହାକି କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯ୍ୟାତନା ପ୍ରତିରୋଧ ଆବଶ୍ୟକତାକୁ ଦର୍ଶାଇଥିଲା । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ପନ୍ଦନର ଅଧ୍ୟକ୍ଷ ସୁଧାଂଶୁ ଶେଖର ମହାରଣା ଅତିଥି ଭାବେ ଯୋଗଦେଇ କାର୍ଯ୍ୟ କ୍ଷେତ୍ର ରେ ମହିଳା ମାନେ ଦୃଢମନା ହେବା ସହ ସତର୍କ ଓ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ନରେନ୍ଦ୍ର ସିଂ ପରିଚାଳିତ କରିଥିଲେ ।

## ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ୧୯୮୮ ବ୍ୟାଚ୍‌ର ବନ୍ଧୁମିଳନ ଡିସେମ୍ବର ୨୫

ପାରାଦୀପ,(ପି.ଏନ): ଆସନ୍ତା ଡିସେମ୍ବର ୨୫ ତାରିଖ ବୁଧବାର ଦିନ ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲର ବନ୍ଧୁମିଳନ ପାରାଦୀପ ଗଲ୍ଫ କୋର୍ସଠାରେ ଅନୁଷ୍ଠିତ ହେବାକୁ ଯାଉଛି । ବ୍ୟାଚ୍‌ର ସମସ୍ତ ଛାତ୍ରଛାତ୍ରୀମାନେ ଏହି ବନ୍ଧୁମିଳନରେ ଯୋଗ ଦେବେ । ଏଥି ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଥିବା ନେଇ ଜଣାପଡିଛି । ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ପାଇଁ ବ୍ୟାଚ୍‌ର ଛାତ୍ରଛାତ୍ରୀମାନେ ଲାଗି ପଡିଛନ୍ତି । ବ୍ୟାଚ୍‌ର ବ୍ରିଜେଶ କୁମାର ଲେଙ୍କା, ପ୍ରିୟବ୍ରତ ପଟ୍ଟନାୟକ, ଦେବେନ୍ଦ୍ର ପତି,ପ୍ରଣତି ଦାସ,କଳ୍ପନା ଦାସ, ରଶ୍ମୀ ରଣା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଲାଗି ପଡିଛନ୍ତି ।

## ସମ୍ବଲପୁରରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ନେଇ ପ୍ରସ୍ତୁତି ବୈଠକ



ସମ୍ବଲପୁର,(ପି.ଏନ): ସମ୍ବଲପୁରରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ନେଇ ପ୍ରସ୍ତୁତି ବୈଠକ ଅତିରକ୍ତ ଜିଲ୍ଲାପାଳଙ୍କ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ଶ୍ରୀ ଅଜାମ୍ବର ମହାନ୍ତି ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ନୂଆଦିଲ୍ଲୀରେ ଜାରି କରାଯାଇଥିବା 'ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା' ଅନ୍ତର୍ଗତ ଏବେ ସମ୍ବଲପୁରରୁ ପୂର୍ଣ୍ଣ ଚାଲୁ ସମୟ ସୂଚୀ ସ୍ଥିର କରାଯାଇଛି । ଏହା ଅନୁଯାୟୀ ୭ ଫେବୃଆରୀରୁ ୧୨ ଫେବୃଆରୀ ପର୍ଯ୍ୟନ୍ତ କୋଲକାତା-କାମାକ୍ଷା ଏବଂ ୨୯ ମାର୍ଚ୍ଚରୁ ୩ ଏପ୍ରିଲ ପର୍ଯ୍ୟନ୍ତ ଅଯୋଧ୍ୟା-ବାରଣାସୀ ଯାତ୍ରା ପାଇଁ ବିଶେଷ ପରିକଳ୍ପନା କରାଯାଇଛି । ସମ୍ବଲପୁରରୁ ୭୭୫ ଯାତ୍ରୀଙ୍କ ଯାତ୍ରା ପାଇଁ ଆଶ୍ରୟସ୍ଥଳ ର ବ୍ୟବସ୍ଥା କରାଯାଇଛି । ଏଥିରେ ସମସ୍ତ ଜିଲ୍ଲାର ତଥ୍ୟ ହେଉଛି:-ସମ୍ବଲପୁର: ୮୯,ବରଗଡ଼: ୧୨୭,ଦେଓଗଡ଼: ୨୭, ଝାରସୁଗୁଡ଼ା:୫୦ , ସୁନ୍ଦରଗଡ଼: ୧୮୦,ବୋଲାଙ୍ଗୀର:୧୪୧,ସୁବର୍ଣ୍ଣପୁର: ୫୨,ଅନୁଗୁଳ: ୧୦୯ । ଉକ୍ତ ବୈଠକ ରେ ତୀର୍ଥ ଯାତ୍ରୀଙ୍କ ରହିବା ସ୍ଥାନ ଚୟନ, ଖାଇବା ବ୍ୟବସ୍ଥା, ତୀର୍ଥଯାତ୍ରୀଙ୍କ ପରିବହନ, ରେଳ ଷ୍ଟେସନରେ ଲଜିଷ୍ଟିକ୍ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଶ୍ରଦ୍ଧାଳୁଙ୍କ ଡାକ୍ତରୀ ଯାଞ୍ଚ ସମ୍ପର୍କରେ ଆଲୋଚ଼ନା ହୋଇଥିଲା । ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପ୍ରସନ୍ନ କୁମାର ପାତ୍ର , ଉପଜିଲ୍ଲାପାଳ ଡ ପୁଷ୍ପାଞ୍ଜଳି ପଣ୍ଡା, ଜଞ୍ଜଡ ସମ୍ବଲପୁର ଶ୍ରୀ ରାମଦାସ ଟୁଡୁ ଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ବୈଠକକୁ ପର୍ଯ୍ୟଟନ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ରବୀନ୍ଦ୍ର କୁମାର ଦଳେଇ ପରିଚାଳନା କରିଥିଲେ । ସୂଚନା ଅନୁଯାୟୀ ଏହି ତୀର୍ଥ ଯାତ୍ରାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶା ଶ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିବେ ।

## ବିଜେପି ବିଧାୟକଙ୍କ ଇଲାକାରେ ଛାତ୍ରୀମାନଙ୍କୁ ଅସଦାଚରଣ ଅଭିଯୋଗ



କଳମପୁର,(ପି.ଏ): ସମୟ ଥିଲା କୁନ୍ଦୁଲି ପିଡିତା,ପରି,ପିହୁ,ମମିତା ଭଳି ପ୍ରସଙ୍ଗ ନେଇ ହୋହଲ୍ଲା କରୁଥିଲେ, ଏବେ ଜଣେ ଶିକ୍ଷକ କୋମଳମତୀ ଛାତ୍ରୀମାନଙ୍କୁ ଜନୈକ ଶିକ୍ଷକ ଦୀର୍ଘ ଦିନ ଧରି ଅସଦାଚରଣ କରିଆସୁଥିବା ବେଳେ ସେହି ପାଟିରେ ଖସି ପଶି ଯାଉଛି, ଅସଦାଚରଣ ସୀମାଲଂଘିବା ପରେ ଅଭିଭାବକ ଓ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କଲେ, ଅଭିଯୋଗର ମାସାଧିକ ସମୟ ଅତିବାହିତ ହେବା ପରେ ବିଭାଗୀୟ ତଦନ୍ତ ପ୍ରକ୍ରିୟା ଆରମ୍ଭ ହେଲା,ତଦନ୍ତର ସପ୍ତାହ ବିତିଲା ହେଲେ ଫଳ ଶୂନ, ତେବେ ସେହି ଘଟଣାକୁ ବାଟ ଓଗାଳୁଛି କିଏ ଏହାହିଁ ବିଡ଼ମ୍ବନା, ଆଜି ବିଧାୟକଙ୍କ ଦ୍ୱାରସ୍ଥ ହୋଇଛନ୍ତି ଅଭିଭାବକ ଓ ଗ୍ରାମବାସୀ ମାନେ, ସୂଚନା ଅନୁସାରେ କଳାହାଣ୍ଡି ଜିଲ୍ଲା କଳମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ହାରାମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ପଣ୍ଡା ଛାତ୍ରୀ ମାନଙ୍କୁ ଅସଦାଚରଣ କରୁଥିବା ନେଇ ଅଭିଭାବକ ଓ ଗ୍ରାମବାସୀ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିଲେ, ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କଳମପୁର ଗୋଷ୍ଠୀ ଶିକ୍ଷା ବିଭାଗର ତିନି ଜଣିଆ କମିଟି ତଦନ୍ତ ପାଇଁ ସଂପୃକ୍ତ ବିଦ୍ୟାଳୟକୁ ଯାଇଥିଲେ, ଏହି ତିନି ଜଣିଆ କମିଟିରେ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ହେମନ୍ତ କୁମାର ପଣ୍ଡା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମନୋଜ କୁମାର ମେହେର ଓ ବେଲପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ମୁଣ୍ଡ ରହିଥିବା ବେଳେ ଅଭିଯୋଗ ଆଧାରରେ ବିଦ୍ୟାଳୟର ରୋଷେୟାଣୀ, ଅଭିଭାବକ ଓ ଛାତ୍ରୀଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀକୁ ତଦନ୍ତ ପରିସରଭୁକ୍ତ କରିଥିଲେ, ଏଥି ସହିତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ପଚାରି ବୁଝିଥିଲେ ଅଭିଯୋଗ ଅନୁସାରେ ସଂପୃକ୍ତ ପ୍ରଧାନ ଶିକ୍ଷକ ଶ୍ରୀ ପଣ୍ଡା ଛାତ୍ରୀ ମାନଙ୍କ ସମ୍ବେଦନଶୀଳ ଅଙ୍ଗ ସ୍ପର୍ଶ କରିବା ସହିତ ଆଉଁସି ଦେବା ଓ ଅଶ୍ଳୀଳ ଭାଷା ସର୍ବଦା ବ୍ୟବହାର କରୁଛନ୍ତି, ଏପରିକି ଛାତ୍ରୀମାନଙ୍କ ପରିଶ୍ରା ସମୟରେ ଲୁଚିଛପି ଦେଖୁଛନ୍ତି, ଏଭଳି କାରଣ ଯୋଗୁଁ ଜନୈକା ଅଷ୍ଟମ ଶ୍ରେଣୀ ଛାତ୍ରୀ ଅସହ୍ୟ ହେବାରୁ ପାଠ ଛାଡି ଦେଇଛନ୍ତି,ସେ ଏହାପୂର୍ବରୁ ବିଭିନ୍ନ ବିଦ୍ୟାଳୟରେ ଅବସ୍ଥାପିତ ଥିବାବେଳେ ମଧ୍ୟ ଏପରି ଘଟଣା ଘଟାଇଛନ୍ତି,ସେ ଏଭଳି କାରଣରୁ ନିକଟବର୍ତ୍ତୀ ବିଦ୍ୟାଳୟ ବୋଦେଲବନ୍ଧ, ଟେମରା ଓ ଚୁରାଗାଁରୁ ତଡା ଖାଇ ଏବେ ଏହି ହାରାମାଲରେ ଅବସ୍ଥାପିତ ହୋଇଛନ୍ତି, କିନ୍ତୁ ତାଙ୍କ ସ୍ୱଭାବରେ ପରିବର୍ତ୍ତନ ଘଟି ନାହିଁ, ହୃଦୟକୁ ବିଚଳିତ କଲାଭଳି ଲୋକେ ଅଭିଯୋଗ କରିଛନ୍ତି,ସେ ବୋଦେଲବନ୍ଧ ବିଦ୍ୟାଳୟରେ ଅବସ୍ଥାପିତ ଥିବା ବେଳେ ଜନୈକା କୁନି ଛାତ୍ରୀଙ୍କ ଗୁପ୍ତାଙ୍ଗରେ ଆଙ୍ଗୁଠି ପୁରାଇବାରୁ ସେହି ଛାତ୍ରୀ ଗୁରୁତର ହୋଇଥିଲା ,ଏଥି ସହିତ ସେ ରୋଷେୟାଣୀକୁ କବାଟ କିଳିଦେଇ ରଖିଦେଇ ଥିବା କଥା ମଧ୍ୟ ଅଭିଯୋଗ ହୋଇଛି ,ରନ୍ଧାଖାଦ୍ୟ ଯୋଗାଉଥିବା ମହିଳା ସ୍ୱଂୟ ସହାୟକ ଗୋଷ୍ଠୀର ରନ୍ଧାଖାଦ୍ୟ ବାବଦରେ ଉଚ୍ଚ ଅଧିକାରୀ ମାଗୁଛନ୍ତି ବୋଲି କହି ପ୍ରତି ମାସରେ ପ୍ରାୟ ଦଶ ହଜାର ଲେଖାଏଁ ଟଙ୍କା ମଧ୍ୟ ଆଦାୟ କରି ନେଉଛନ୍ତି ବୋଲି ମଧ୍ୟ ଅଭିଯୋଗ ହୋଇଛି, ଜିଲ୍ଲାପାଳଙ୍କୁ ଅଭିଯୋଗ ହେବାର ମାସାଧିକ ସମୟ ପରେ ବିଭାଗୀୟ ତିନି ଜଣିଆ କମିଟି ତଦନ୍ତ କରିବାକୁ ସଂପୃକ୍ତ ବିଦ୍ୟାଳୟକୁ ଗଲେ, ବିଭାଗୀୟ ତିନି ଜଣିଆ କମିଟି ତଦନ୍ତ କରିବାର ଏକ ସପ୍ତାହ ବିତିଲା, କିନ୍ତୁ କାର୍ଯ୍ୟାନୁଷ୍ଠାନ ହେଲାନାହିଁ, ମିଳିମିଶି ଘଟଣା ଚାପେଇ ରଖିଥିବା ଅଭିଯୋଗ ନେଇ ଅଭିଭାବକ ମାନେ ଆଜି ବିଧାୟକଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray